Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 238
Thursday, 5 November 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୫ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



କୋଟିଆରେ ଓଡ଼ିଶା-ଆନ୍ଧ୍ର ଛକାପଞ୍ଜା



ଭୁବନେଶ୍ୱର, ୪/୧୧ (ଆ.ପ୍ର) : କୋରାପୁଟ ଜିଲ୍ଲାର କୋଟିଆ ସାମାବିବାଦ ଏବେ ନୂଆ ମୋଡ଼ ନେଇଛି । ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ଦେଖାଡିର କରି ଆନ୍ଧ୍ରପ୍ରଦେଶ ସରକାର ଆଉଥରକାଳି କୋଟିଆ ଗ୍ରାମପୁଞ୍ଜରେ ପଂଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ଦିପଟ ଯୋଇଛି । ଆନ୍ଧ୍ରର ଏଭଳି ଏକତରଫା ପାବଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିସ ପାର୍ଟି ଆଜି କୋଟିଆ ଛାଡ଼ିଥିବା ଜଣାପଡ଼ିଛି । ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଂଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି । ସାମାନ୍ୟରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଜ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି । ଆଜ ଏସବୁ ମଧ୍ୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣିଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବାବେଳେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି । ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ସରକାର ନରେମର ୫ ତାରିଖରେ କୋଟିଆରେ ମଣ୍ଡଳ ଓ ପଂଚାୟତ ନିର୍ବାଚନ କରିବା ନିମନ୍ତେ ପୁଳିଂ ପାର୍ଟି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି କରିସାରିଥିଲେ । ମାତ୍ର ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଓ କୋରାପୁଟ ଜିଲ୍ଲା ପ୍ରଶାସନର ଚାପ ପରେ ଏହି ପୁଳିଂ ପାର୍ଟି ଫେରିଯାଇଥିବା ଜଣାପଡ଼ିଛି । ଏପରିକି ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣକର ନେତା ଓ କର୍ମୀମାନେ କୋଟିଆରେ ଏକତ୍ରୁଟ ହୋଇ ସୀମା ଜଖିଛନ୍ତି । ଏହାସତ୍ତ୍ୱେ କୋଟିଆରେ ଆସନ୍ତାକାଲି ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ ଥିବା ସୂଚନା ମିଳିଛି । ଏପରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଡ଼ା ପ୍ରତିକ୍ରିୟା ଦେବା ଜଣିଛନ୍ତି ଯେ, କୋଟିଆରେ ଆନ୍ଧ୍ର ନିର୍ବାଚନ ପ୍ରସଙ୍ଗକୁ କୌଣସି ପରିସ୍ଥିତିରେ ବି ସମ୍ଭଳ ହେବାକୁ ଦିଆଯିବ ନାହିଁ । ଆଇନ ଉଲ୍ଲଂଘନ କରୁଥିବା ଆନ୍ଧ୍ର ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ଦାଏର କରାଯାଇଛି ଓ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ । କୋଟିଆରେ ରାସ୍ତାଘାଟ, ସ୍କୁଲ ଓ ସମସ୍ତ ମୌଳିକ ଭିତ୍ତିଭୂମି ଓଡ଼ିଶା ନିର୍ମାଣ କରିଛି । ସେଠାରେ ଓଡ଼ିଶାର କାର୍ଯ୍ୟକର ସରଫଟ ତଥା ସମିତି ସଭ୍ୟ ରହିଛନ୍ତି ।

ଗଞ୍ଜାମ ଜିଲ୍ଲାରେ ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍



ଛତ୍ରପୁର, ୪/୧୧ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଆକଳନ ନିମନ୍ତେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଦି ଶଙ୍କରଙ୍କ ନେତୃତ୍ୱରେ ଆନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ପ୍ରତିନିଧି ଦଳ ବିତ୍ତିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ପ୍ରାଥମିକ ଆକଳନରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫ଶହ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ଜଣାଯାଇଛି । କେନ୍ଦ୍ରୀୟ ଟିମ୍ ପୁରୁଷୋତ୍ତମପୁର କୁରୁ ଆବୁଜି, ହାଞ୍ଜିଗର ଓ ହୀରାଧରବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ସେହିପରି ହିଞ୍ଜିଳି କୁରୁ ଘୋଡ଼ାଡାଡ଼ ପୋଲ ଓ ଜୟମଙ୍ଗଳ ଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ । ଅପରାହ୍ନ ଲକ୍ଷ୍ମୀ ବଜାର, ନବରତ୍ନପୁର ଓ ଉପକୂଳ ଚିକିତ୍ସାଳୟ ସମେତ ଧରାକୋଟ କୁରୁ ଚାଳାଡ଼ା ଗ୍ରାମ ଓ ଜାତିବିଲି ଆଳିକଡ ମଧ୍ୟ ଦେଖିଥିଲେ । ଅନୁଧ୍ୟାନ ସମୟରେ ଚାଷଜମିରେ ବାଲିଚର ମାଡ଼ିଯିବା, ନଦୀବନ୍ଧ ଓ ଜଳସେଚନ ପ୍ରକଳ୍ପର କ୍ଷତି, ଗ୍ରାମ୍ୟ ରାସ୍ତା, ବିଦ୍ୟୁତ୍ ଭିତ୍ତିଭୂମି, ଘରସମ୍ପତ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ଟିମ୍ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା । ଏଥିସହ ବନ୍ୟା ବିପତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କ ସମ୍ମୁଖୀ ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ଟାଷଜମିକୁ ଯାଇ ଫସଲ ନଷ୍ଟର ପରିମାଣ ଅନୁଧ୍ୟାନ କରିବା ସହ ଆବଶ୍ୟକ ତଥ୍ୟ ମଧ୍ୟ ସଂଗ୍ରହ କରିଥିଲେ । ଏହା ପୂର୍ବରୁ ସକାଳେ ଗୋପାଳପୁର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ରୀୟ ପ୍ରତିନିଧି ଦଳର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. ଜୀଟି ରାୱନ ଜିଲ୍ଲାର ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ । ବିଭାଗଗୁଡ଼ାରୀ କ୍ଷତିର ବିବରଣୀ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ସମ୍ଭ ସମୟରେ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସମେତ ସମ୍ଭୁକ୍ତ ଅଂଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ଆବଶ୍ୟକ ସହଯୋଗ କରିଥିଲେ ।

ଅର୍ଣ୍ଣବ କ୍ଷତି ଗଞ୍ଜାମକୁ ୧୦୭ କୋଟି



ଭୁବନେଶ୍ୱର, ୪/୧୧ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ' କ୍ଷତିଗ୍ରସ୍ତ ପରିବାରଙ୍କୁ ଅନୁଗ୍ରହ ରାଶି ପ୍ରଦାନ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଅର୍ଥ ରାଶି ମଞ୍ଜୁର କରିଛନ୍ତି । SRCu ଦ୍ୱାରା ୧୦୭.୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି । ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୬ ହଜାର ୫୦୦ ଟଙ୍କା ମଞ୍ଜୁର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୨,୫୦୦ ଟଙ୍କା ହାରରେ ଗଞ୍ଜାମର ୪,୨୯,୭୮୨ ଓ କୋରାପୁଟର ୧,୦୫୧ଟି ପ୍ରଭାବିତ ପରିବାର ପାଇବେ ଅନୁଗ୍ରହ ସହାୟତା । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଘୋଷଣା ଅନୁଯାୟୀ ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରମାନଙ୍କୁ ବଢତ ଅନୁଗ୍ରହ ସହାୟତା ପ୍ରଦାନ କରାଯିବ । ଯେଉଁଥିପାଇଁ ରାଜ୍ୟ ସରକାର ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପାଇଁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୬ ହଜାର ୫୦୦ ଟଙ୍କା ମୁକ୍ତ କରାଯାଇଛି । ମଞ୍ଜୁର ହୋଇଥିବା ଅର୍ଥରାଶି ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ୪ ଲକ୍ଷ ୨୯ ହଜାର ୭୮୨ଟି ପରିବାରର ପରିବାର ପିଛା ୨,୫୦୦ ଟଙ୍କା ହାରରେ ଏବଂ କୋରାପୁଟର ୧,୦୫୧ଟି ପ୍ରଭାବିତ ପରିବାରର ପରିବାର ପିଛା ୨,୫୦୦ ଟଙ୍କା ହାରରେ ଏହି ସହାୟତା ଯୋଗାଇ ଦିଆଯିବ । ଏହି ଅର୍ଥ ରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଦିଆଯାଇଛି । ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତୃଟିର ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟ ସମୟରେ ପ୍ରଭାବିତ ଜନସାଧାରଣଙ୍କୁ ତୃଟିର ଆର୍ଥିକ ସହାୟତା ଓ ରିଲିଫ୍ ଯୋଗାଇବାର ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରମୁଖ ପଦକ୍ଷେପ ।

ପଂଚଭୂତରେ ଲୀନ ଡାକ୍ତର ଅଶୋକ ମହାପାତ୍ର



ଭୁବନେଶ୍ୱର, ୪/୧୧ (ଆ.ପ୍ର) : ପୁରା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ । ପଂଚଭୂତରେ ଲୀନ ହେଲେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର । ଥିଆ ଶୂନ୍ୟଶ୍ରୀ ମହାପାତ୍ର ମୁଖାଗ୍ନି ଦେଇଥିବା ବେଳେ ରାଷ୍ଟ୍ରୀୟ ସମ୍ମାନ ସହ ମହାନ ଡାକ୍ତରଙ୍କୁ ବିଦାୟ ଦିଆଯାଇଛି । ତୋପ ସଲାମୀ ବେଳେ ପୁରୀ ଜିଲ୍ଲାପାଳ ଏବଂ ଏସିଙ୍କ ଉପସ୍ଥିତି ରହିଥିଲେ । ସ୍ୱର୍ଗଦ୍ୱାରରେ ବହୁ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିବା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗତକାଲି ସଂଧ୍ୟା ୮ ଟାରେ ଭୁବନେଶ୍ୱର ବିମାନବନ୍ଦରେ ପ୍ରଫେସର ଡାକ୍ତର ଅଶୋକ ମହାପାତ୍ରଙ୍କ ପାର୍ଥିବଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପଂଚିଥିଲା । ପରେ ରାତି ୯ଟାରେ ସୋଥା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବ୍ୟାମସକୁ ନିଆଯାଇଥିଲା । ଝିଅ ଏବଂ ସହ ଧର୍ମପତ୍ନୀ ସୁତ୍ରରା ମହାପାତ୍ର ଓ ଅନ୍ୟ ପରିବାରବର୍ଗଙ୍କ ସୋରରେ ଉପସ୍ଥିତ ଥିଲେ । ଉପସ୍ଥିତଥାରା ପ୍ରଭାତୀ ପରିକ୍ରା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୋଥା ଉପସଭାପତି ଶାଶ୍ୱତୀ ଦାସ, 'ଘୁମା ଗିଣ୍ଡଲ ମିଡିଆ' ସିଇଓ ସୁନିଲ ଦାସ, ସୋଥା ଜୁବପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଖାତ୍ର ମାଟ୍ଟର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସମ୍ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାର, ସମ୍ ହସ୍ପିଟାଲ ଡିନ୍ ଡା. ସଂଘମିତ୍ରା ମିଶ୍ରଙ୍କ ସମେତ ବହୁ ପଦାଧିକାରୀ ଓ ଜର୍ମତାରୀ ସ୍ୱର୍ଗତ ମହାପାତ୍ରଙ୍କ ଶେଷ ବର୍ଶନ କରିଥିଲେ । ସରିଂ ଉଲ୍ଲିମୁଡ଼ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭୁବରେ ରିଜିଥିବା ବିଶ୍ୱବିଦ୍ୟାଳୟ ପରିସର । ଆଜି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସୂତ୍ରଧାରଯୋଗ୍ୟ ଯେ, ୧୯୫୨ ମସିହାରେ ପୁରୀ ଡାଗରୋଦିପୁରରେ ଜନ୍ମ ଗ୍ରହଣ କରିଥିଲେ ଜନ୍ମର ଅଶୋକ ମହାପାତ୍ର । ୧୯୭୫ ମସିହାରେ ବ୍ରହ୍ମପୁରର ଏମାଳେସିଜି ମେଡିକାଲ କଲେଜରୁ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ନୂଆଦିଲ୍ଲୀ AIIMSରେ ଉଚ୍ଚଶିକ୍ଷା ଗ୍ରହଣ କରି ୧୯୭୯ରେ ଏମଏସ୍ ଏବଂ ୧୯୮୨ରେ ସ୍ନାୟୁ ଶଲ୍ୟ ଚିକିତ୍ସାରେ ଏମ.ସିଏଚ୍ ଡିଗ୍ରୀ ହାସଲ କରିଥିଲେ । ୪୦ ବର୍ଷରୁ ଅଧିକ ସମୟ ଧରି ଏମ୍ସ ନୂଆଦିଲ୍ଲୀ ସହ ଜଡ଼ିତ ରହି ସେ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ, ନ୍ୟୁରୋସାଇନ୍ସ ସେଂଟରର ମୁଖ୍ୟ ଏବଂ ଗବେଷଣା ଡିନ୍ ଭଳି ଗୁରୁତ୍ୱପୂର୍ଣ୍ଣ ପାରିତ୍ୱ ସମ୍ଭାଳିବା ସହ ଦୁଇଥରଥିଲେ । ଡକ୍ଟର ମହାପାତ୍ରଙ୍କ ଜୀବନର ସବୁଠୁରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ ହେଉଛି ୨୦୧୭ ମସିହାରେ ଜଗା- କାଳିଆଙ୍କ ଐତିହାସିକ ଅପରେସନ୍ । ଡାକ୍ତର ମହାପାତ୍ର ୨୦୧୭ରେ କଳ୍ପମାଳର ଯୋଡ଼ା ମୁଣ୍ଡ ଶିଶୁ ଯୋଡ଼ା ମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସଫଳ ଅସ୍ତ୍ରୋପଚାର କରି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ । ନୂଆଦିଲ୍ଲୀ AIIMSରେ କରାଯାଇଥିବା ଏହି ଜଟିଳ ପ୍ରକ୍ରିୟା ରାତିରଦେର ଏହି ପ୍ରକାରର ପ୍ରଥମ ସଫଳ ଅସ୍ତ୍ରୋପଚାର ଥିଲା ଏବଂ ପରେ ଲିମକା ବୁକ୍ ଅଫ୍ ରେକର୍ଡସରେ ସ୍ଥାନିତ ହୋଇଥିଲା ।

କୋଟିଆକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୪/୧୧ (ଆ.ପ୍ର) : କୋଟିଆକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ ପଟ୍ଟନାୟକ । ୨୦୨୪ ବିଜେପି ଇସ୍ତାହାର ମନେ ପକାଇ ଚିଠି ଲେଖିଲେ ନବୀନ । ଇସ୍ତାହାରର ପ୍ରତିଶ୍ରୁତି ଅନୁଯାୟୀ 'କୋଟିଆ'ର ସମାଧାନ କର ବୋଲି ଚିଠିରେ ନିବେଦନ କରିଛନ୍ତି ନବୀନ । ନବୀନ ଦାବି କରିଛନ୍ତି ଯେ, କେନ୍ଦ୍ର ଓ ଆନ୍ଧ୍ର ସରକାର ସହ ଉଚ୍ଚସ୍ତରୀୟ ଆଲୋଚନା କରାଯାଉ । ଉଭୟ ଆନ୍ଧ୍ର ଓ ଓଡ଼ିଶାରେ NDA ସରକାର ଅଛି । ତେଣୁ ଓଡ଼ିଶାର ଅଖଣ୍ଡତା ରକ୍ଷା ପାଇଁ ଦୃଢ଼ର ପଦକ୍ଷେପ ନିଆଯାଉ ବୋଲି ଦାବି କରିଛନ୍ତି ନବୀନ । ଓଡ଼ିଶା ଜଇ ଆନ୍ଧ୍ର ଜବରଦସ୍ତ ନିର୍ମାଣ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଦି କୋଟିଆକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ନବୀନ । ଯାହାର ଉତ୍ତର ରଖିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ବଢିଲା ଅଗ୍ନିବୀରଙ୍କ କାର୍ଯ୍ୟକାଳ



ନୂଆଦିଲ୍ଲୀ, ୪/୧୧ (ନ୍ୟୁ.ଏ) : ଅଗ୍ନିବୀରଙ୍କୁ ନରେନ୍ଦ୍ର ମୋଦି ସରକାର ଦେଇଛନ୍ତି ଦୀପାବଳି ଉପହାର । ସରକାର ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି କରିଥିବାର କରିଛନ୍ତି ବଡ଼ ଘୋଷଣା । ଏଦ୍ୱାରା ଅଗ୍ନିବୀରମାନେ ସଶସ୍ତ୍ର ବାହିନୀରେ ଅଧିକ ସମୟ ସେବା କରିବା ସହ ନିୟମିତ ସେନାରେ ସାମିଲ ହେବାର ସୁଯୋଗ ମଧ୍ୟ ପାଇପାରିବେ । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମାଣି ବୁଧବାର ଏକ ଏହି ବଡ଼ ଘୋଷଣା କରିଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ଅଗ୍ନିବୀରଙ୍କୁ ଅତିରିକ୍ତ ୨ ବର୍ଷର ଏନଗେଜମେଂଟ ପିରିୟଡ୍ ମିଳିବ । ଏହି ସମୟସୀମା ଶେଷ ହେବା ପରେ ଯୋଗ୍ୟ ଓ ଆଗ୍ରହୀ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ଚୟନ ପ୍ରକ୍ରିୟା ଆଧାରରେ ସେନାରେ ନିୟମିତ ଭାବେ ନିଯୁକ୍ତି ମିଳିବାର ସୁଯୋଗ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କୁଏବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଗ୍ନିବୀରଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ପ୍ରାୟ ୧୮୦୦୦ ଅଗ୍ନିବୀର ନିଜର କାର୍ଯ୍ୟକାଳ ଶେଷ ଜଣି ସେବାରୁ ଅବସର ନେବାକୁ ଯାଉଥିଲେ । ଉଭୟଙ୍କ ଜେନେରାଲ ରାଜା ସୁବ୍ରମଣି କହିଛନ୍ତି ଯେ, ସମସ୍ତ ଅଗ୍ନିବୀରଙ୍କୁ ସଶସ୍ତ୍ର ବାହିନୀରେ ନିଜର ସେବା ଜାରି ରଖିବାର ସୁଯୋଗ ଦିଆଯିବ । ତେବେ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ମୂଲ୍ୟାଙ୍କନ ଉପରେ ନିର୍ଭର କରିବ । ସିଡିଏସ୍ କହିଛନ୍ତି, ଆଜିର ଦିନ ଭାରତୀୟ ପ୍ରତିରକ୍ଷା ବଳ ଓ ଆମର ଅଗ୍ନିବୀରଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । କ୍ୟାବିନେଟ ସମସ୍ତ ଅଗ୍ନିବୀରଙ୍କୁ ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବା ପାଇଁ ପଥ ଖୋଲି ଦେଇଛି । ୧୪ ଜୁନ୍ ୨୦୨୨ ରେ ଆରମ୍ଭ ହୋଇଥିବା ଅଗ୍ନିପଥ ଯୋଜନା । ଏହି ଯୋଜନା ଅନୁଯାୟୀ ଅଗ୍ନିବୀରମାନଙ୍କୁ ଚାରି ବର୍ଷ ପାଇଁ ସେନାରେ ନିଯୁକ୍ତି ଦିଆଯାଇଥିଲା । ଚାରି ବର୍ଷ ପରେ ସେମାନଙ୍କ ମଧ୍ୟରୁ ମେଧା ଓ ଯୋଗ୍ୟତା ଆଧାରରେ ୨୫ ପ୍ରତିଶତଙ୍କୁ ନିୟମିତ ସେନାରେ ରଖିବାର ବ୍ୟବସ୍ଥା ରହିଥିଲା । ଅବଶିଷ୍ଟ ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ସେବାରୁ ଫେରିବାକୁ ପଡୁଥିଲା । କିନ୍ତୁ ନୂଆ ନିଷ୍ପତ୍ତି ଅନୁଯାୟୀ, ଏହି ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଆଉ ୨ ବର୍ଷର ଅତିରିକ୍ତ ସେବା ଅବଧି ମିଳିବ । ଏହି ଦୁଇ ବର୍ଷ ଶେଷ ହେବା ପରେ ଯେଉଁ ଅଗ୍ନିବୀରମାନେ ନିୟମିତ ସେନାରେ ରହିବାକୁ ଇଚ୍ଛୁକ ଥିବେ, ସେମାନଙ୍କୁ ନିର୍ଦ୍ଧାରିତ ଚୟନ ମାନଦଣ୍ଡ ଆଧାରରେ ନିଯୁକ୍ତି ସୁଯୋଗ ମିଳିବ ।

ଓଡ଼ିଶା ସରକାରଙ୍କ ସହ ଜେ-ପାଲ ସାଉଥ୍ ଏସିଆର ଏମଓୟୁ



ଭୁବନେଶ୍ୱର, ୪/୧୧ (ନ୍ୟୁ.ଏ) : ରାଜ୍ୟରେ ପ୍ରମାଣଭିତିକ ନୀତି ନିର୍ଦ୍ଧାରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏବଂ ଅକଦୂର ଲିଡିଫ୍ ଜମିଲ୍ ପ୍ରଫର୍ଟ ଆକ୍ସନ୍ ଲାବ୍ (ଜେ-ପାଲ) ସାଉଥ୍ ଏସିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜୋଇସେବା



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସାପ୍ତାହିକ
ଆରମ୍ଭ
SEITHO ARAMBHA

ଗୁରୁବାର ୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ସ୍ୱଳ୍ପ ସମୟ ମଧ୍ୟରେ ରେକର୍ଡ ସଂଖ୍ୟକ ବାଦଲଫଟା ବର୍ଷା ଓ ନବୀନ ସରକାରରେ ବନ୍ୟା ନିୟନ୍ତ୍ରଣ ପାଇଁ ଗୋଟିଏ ବି ଜଳଭଣ୍ଡାର ନିର୍ମାଣ ନହେବା ବନ୍ୟା ବିପ୍ଳାତ ପାଇଁ ଦାୟୀ : ବିରଂଚି ନାରାୟଣ ତିପାଠୀ



ଭୁବନେଶ୍ୱର, ୦୪/୧୧ (ଆ.ପ୍ର) : ସମ୍ପ୍ରତି ରାଜ୍ୟରେ ପ୍ରବଳଠାରୁ ଅତିବୃଷ୍ଟି ବନ୍ୟା 'ଅର୍ଘବ' ପ୍ରଭାବରେ ଓଡ଼ିଶାର ବାଲେଶ୍ୱର ଓ ବର୍ଦ୍ଧମାନ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ଗୁରୁତ୍ୱାରୋପ କରି ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି କରିଛନ୍ତି ବିଜେପି ରାଜ୍ୟ ସଭାପତି ବିରଂଚି ନାରାୟଣ ତିପାଠୀ । ଶୁକ୍ରବାର ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଦାବି ରଖିଛନ୍ତି । ଶ୍ରୀ ତିପାଠୀ କହିଛନ୍ତି, ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲ୍ଲାର ୧୫ଟି ମଣ୍ଡଳରେ ୨୫୦ ମିଲିମିଟର ଏବଂ ବର୍ଦ୍ଧମାନ ଜିଲ୍ଲାର ୭ଟି ମଣ୍ଡଳରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି । ଏହି ଅସ୍ୱାଭାବିକ ବର୍ଷା ଯୋଗୁଁ ଉଭୟ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି । ଏହି ବିପର୍ଯ୍ୟୟ ଯୋଗୁଁ ଉଭୟ ଜିଲ୍ଲାରେ ୨୫ ଜଣ ପ୍ରାଣ ହରାଇଛନ୍ତି । ଏଥିରେ ୧୦ ଜଣ ଆହତ ହୋଇଥିବା ବେଳେ ୨୫ ଜଣ ନିଖୋଜ ଅଛନ୍ତି । ଏହା ବ୍ୟତୀତ ୨୫୦ରୁ ଅଧିକ ଗୃହପାଳିତ ପଶୁ ପ୍ରାଣ ହରାଇଛନ୍ତି । ଏହି ବିପର୍ଯ୍ୟୟ ଯୋଗୁଁ ଉଭୟ ଜିଲ୍ଲାର ୨୫୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି । ଏଥିରେ ୨ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ବିପର୍ଯ୍ୟୟ ଯୋଗୁଁ ଉଭୟ ଜିଲ୍ଲାର ୨୫୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି । ଏହି ବିପର୍ଯ୍ୟୟ ଯୋଗୁଁ ଉଭୟ ଜିଲ୍ଲାର



ଆରମ୍ଭ
SEITHO ARAMBHA



ଗୁରୁବାର ୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

AFFIDAVIT

By virtue of an affidavit sworn before the Executive Magistrate, Daspalla, I, Laxmidhar Naik, son of Nalu Naik, resident of Village – Tendabadi, P.O. – Tendabadi, P.S. – Daspalla, District – Nayagarh, Odisha, do hereby declare that my name has been incorrectly recorded as Laxmidahr Naik in my Driving Licence bearing No. OD25202200037697, where as my correct name, as recorded in my Aadhaar Card, is Laxmidhar Naik. Henceforth, I shall be known as Laxmidhar Naik for all purposes and in all official records.

S/D- Laxmidhar Naik

32001/1248/2627

DIRECTORATE OF GROUND WATER DEVELOPMENT: ODISHA
Office of The Deputy Director, GWD Division-II, Bhubaneswar
A/2, Unit-V, Bhubaneswar
[e-mail: srgeologistrsbbsr@gmail.com]

e- Procurement Notice: 03/4 **Date: 03.11.26**
Bid Identification No. 04/GWRSD/CHHATA/2026-27 & 05/GWRSD/CHHATA/2026-27
(Single-Envelope Bidding Process)

Name of Work:
Construction of 4 nos. of Rooftop Rainwater Harvesting System at Puri Urban Area under District Puri During FY-2026 -27

Construction of 3 nos. of Rooftop Rainwater Harvesting System at Puri Urban Area under District Puri During FY-2026 -27

Bid Identification No. (BIN): **04/GWRSD/CHHATA/2026-27 & 05/GWRSD/CHHATA/2026-27**

Estimated Cost Put to Bid: **Rs.13.82 lakhs (Without GST) & Rs. 10.32 lakhs (Without GST)**

Class of Contractor: **"C" or "D"**

Period of Completion: **60(SIXTY) Days**

Availability of Bid Document on e-Procurement portal: **From 07/11/2026 11.00 Hrs. To 16/11/2026 17.00 Hrs.**

Last Date and Time for Submission of Bids: **Date :16/11/2026; Time: 17:00 Hrs.**

Date and Time of Opening of Bids: Date: **17/11/2026; Time: 11:00 Hrs.& 15.30 Hrs.**

Name & address of the officer inviting Bid: Office of The Deputy Director, GWD Division-II, Bhubaneswar A/2, Unit-V, Bhubaneswar

*Further details can be seen from the Govt. website "www.tenderodisha.gov.in".
Any addendum/corrigendum/cancellation of tender can also be seen in the said website.

Deputy Director (Geology)
GWD Division-II, Bhubaneswar

OIPR - 32001/32462/1/26-27/0003

ଦଧୀଚି ଉପନ୍ୟାସ ଏକ ମହାଗାଥା: ଡ. ରବି ପଣ୍ଡା



ନାଳଗିରି, ୦୪/୧୧ (ଆ.ପ୍ର) : ସାହିତ୍ୟର ଗୁଣ ହେଲା ଆନନ୍ଦ ପ୍ରଦାନ । ଦୁଃଖ ନଥିଲେ ସାହିତ୍ୟରେ ଆନନ୍ଦ ନାହିଁ । ରାଷ୍ଟ୍ର କୁତନ୍ତ୍ରୀ ଗୋଷ୍ଠୀର ଏକ ସଂଗଠନ। ଦଧୀଚି ଉପନ୍ୟାସ ଏକ ମହାଗାଥା । ମଣିଷ ଆଦିମ ଜୀବନରୁ ଶୋଷଣ କରିଚାଲିଛି । ଉପନ୍ୟାସରେ ଶ୍ରେଣୀ ସଂଘର୍ଷ ଏକ ମୂଳ ଉତ୍ସ । ମନସ୍ତାତ୍ତ୍ୱିକ ବିଶ୍ଳେଷଣଗତି ତେଚଚ ପ୍ରବାଳରୁ ଦୃଢ଼ କରିଛି । ତତ୍ତ୍ୱଜାତୀୟ ରାଜନୀତିକ ଦୃଶ୍ୟ ଏଥିରେ ପ୍ରତିଫଳିତ ହୋଇଛି । ଚରିତ୍ରାନୁସାରୀ ଭାଷା ବଧାବିରେ ବିସ୍ମୟ । ସାମାଜିକ ଉପନ୍ୟାସ ଭିତରେ ତେତନାଧର୍ମୀ, ସୁତ୍ତୁତ୍ତ୍ୱ, ଶୃଙ୍ଖଳାବୋଧ, ଗାମ୍ଭୀର୍ଯ୍ୟ ଅର୍ଥବୋଧନା ମଧ୍ୟରେ ଆତ୍ମପ୍ରକାଶ କରିଛି । କଳ୍ପନା ଭିତରେ ବାସ୍ତବତାର ପ୍ରତିଛବି ପାଠକୀୟତା ସୃଷ୍ଟି କରିଛି । ତାରତମ୍ୟରେ ଭାରତୀୟ ଉପନ୍ୟାସକୁ ବିସ୍ତୃତ କରିତାରେ ସହାୟ ହୋଇଛି । ଦଧୀଚି ଏକ ଧ୍ରୁବତ୍ତର ଉପନ୍ୟାସ । ଚରିତ୍ର ଚିତ୍ରଣରେ ଉଦାତ ଶୈଳୀ ଉପନ୍ୟାସକୁ ବଳିଷ୍ଠ କରିଛି । ଏଠାରେ ଆତ୍ମଚେତନ ଶୈଳୀର ଉତ୍ତନାତ୍ମକ ବୃଷ୍ଟିଭଙ୍ଗୀ ଅନନ୍ୟ । ଦଧୀଚି ଉପନ୍ୟାସରେ ଦଶପତ୍ରର କଥା କୁହାଯାଇଛି । ଉପନ୍ୟାସରେ ସଂଘର୍ଷ ନ୍ୟାୟ ପାଇଁ ସୃଷ୍ଟ ଦେଇଛି । ଉପନ୍ୟାସରେ ଜାବ୍ୟିକ ଭାଷାର ପ୍ରୟୋଗ ହୋଇଛି । ଧନୁରେ ଖାଦ୍ଧା ହୋଇଥିବା ଶର ଭଳି ପ୍ରକୃତ ଭାଷାର ପ୍ରୟୋଗ ହୋଇଛି । ଆମ୍ର ସଂଚତିର ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ଦଣ୍ଡପଲ୍ଲୀର ଜମନମ୍ୟାନ ଖିତନ୍ୟାସିକ ଗିରୀଶ ଚନ୍ଦ୍ର ମିଶ୍ର । ଅସ୍ପି ସ୍ୱାର୍ଥର ନୂଚେଁ ନିଃସ୍ୱାର୍ଥର ଏକ ପ୍ରତିବିମ୍ବ । ଜ୍ଞାନୀର ଜ୍ଞାନରୁ ତୃତ୍ୱାସ ନିର୍ମାଣ ହୁଏ । ସର୍ବୋପରି ମଣିଷର ସମସ୍ୟା ଉପନ୍ୟାସର କଥାବସ୍ତୁ ବୋଲି ସୃଷ୍ଟି ଚୂଡ଼ ସାହିତ୍ୟ ପରିତାରର ୧୩୬ତମ ପାଠଚକ୍ରରେ ଆଧୁନିକ ଉପନ୍ୟାସ ଧାରାରେ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ରଙ୍କ ଦଧୀଚି ଉପନ୍ୟାସ ଆଲୋଚନା କାଳରେ ଅତିଥି ପ୍ରଫେସର କବି ସୌତ୍ରାଗ୍ୟ କୁମାର ମିଶ୍ର,ଆଲୋଚକ ଓଡିଶାର ବିଶିଷ୍ଟ ଅନୁବାଦକ ଡ. ମିହିର ପଟ୍ଟନାୟକ, ପ୍ରଫେସର ରବିନାରାୟଣ ପଣ୍ଡା ଓ ସାହିତ୍ୟିକ ହାତିବନ୍ଧୁ ମହାକୁତ୍ୱ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିତାରର ସଂପାଦକ ଡ. ପ୍ରତୀପ୍ତ କୁମାର ମିଶ୍ରଙ୍କ ସୌରୋଚିତ୍ୟରେ ଆୟୋଜିତ ଆସରରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦନ କରିଥିଲେ । ଏହି ପାଠଚକ୍ରରେ ପ୍ରଫେସର ନତବର ଶତପଥୀ, ପ୍ରଫେସର ଜାହ୍ନବୀ ମିଶ୍ର ପ୍ରମୁଖଙ୍କ ସହ ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଗବେଷକ ଗବେଷିକା ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

କସଟେନର ପଛରେ ପିଟିହେଲା ଯାତ୍ରୀବାହୀ ବସ୍, ୧୪ ଜଣ ଗୁରୁତର



ବାଲେଶ୍ୱର, ୦୪/୧୧ (ଆ.ପ୍ର) : ୧୬ ନମ୍ବର ଜାତୀୟ ରାଜପଥର ଜଡବାଡିଘା ଦାଏପାସ୍ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ସମ୍ବଲପୁର ଯାଉଥିବା ମାଲବାହୀ କସଟେନରକୁ ପଛପଟୁ ଧକ୍କା ଦେବାରୁ ଅତିକମ୍ରରେ ୧୪ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ପ୍ରାଥମିକ ସୂତନା ଅନୁଯାୟୀ, ବସ୍‌ଟି ପଶ୍ଚିମବଙ୍ଗ ସୀମାନ୍ତ ଅଂଚଳରୁ ବାଲେଶ୍ୱର ଅଭିମୁଖେ ଆସୁଥିବାବେଳେ ଜଡବାଡିଘା ଦାଏପାସ୍ ଛକ ନିକଟରେ ଚାଳକ ନିୟନ୍ତ୍ରଣ ହରାଇ କସଟେନର ପଛରେ ପିଟି ହୋଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ବସ୍‌ର ସମ୍ମୁଖ ଭାଗ ଅତ୍ୟନ୍ତ ବୁରାମାର ହୋଇ କସଟେନର ପଛପଟେ ପଶିଯାଇଥିଲା । ଫଳରେ ବସ୍ ଚାଳକଙ୍କ ସମେତ ସମ୍ମୁଖ ଭାଗରେ ଚଢିଥିବା ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ସାହାଯ୍ୟରେ ବସ୍‌ର କ୍ଷତିଗ୍ରସ୍ତ ସମ୍ମୁଖ ଭାଗକୁ କାଟି ଫସି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା । ପରେ ଜରୁରୀକାଳୀନ ପରିତେବା ୱାନ୍ ଫୋର୍ ଟୁ ଆମ୍ବୁଲାନ୍ସ ଯୋଗେ ୧୪ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପ୍ରାଥମିକ ସୂତନାରୁ ଜଣାପଡ଼ିଛି । ଦୁର୍ଘଟଣା ପରେ ପୋଲିସ ଉଭୟ ବସ୍ ଓ କଂଟେନରକୁ ଜବତ କରି ଘଟଣାର ତାରତ୍ତ ଖୋଜି ଚାଲିଛି ।

ଟ୍ରେନ ନର୍ମାଣ ବିଲ୍ ଉଠାଇନେବା କରି ପ୍ରସଙ୍ଗ : ଖଣ୍ଡନ କଲେ ସରପଂଚ




ବାଲିଆପାଳ, ୦୪/୧୧ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ତେଚଚା ପଂଚାୟତ ଜାଠିଆ ଗ୍ରାମର ଗ୍ରାମ ଉନ୍ନୟନ ରାସ୍ତାରୁ ନିମାଣ ରାଜଳକ ଘର ପର୍ଯ୍ୟନ୍ତ ଟ୍ରେନ ନିର୍ମାଣ କରାଯିବାକୁ ପ୍ରକଳ୍ପ ଥିବା ତେଚେ ଏହି ପ୍ରକଳ୍ପକୁ ପରିବର୍ତ୍ତିତ କରାଯାଇ ରାସ୍ତା ନିର୍ମାଣ କରାଯାଇଛି ତୋଲି ସରପଂଚ ସରୋଜ କୁମାର ପିଜା ଖତତ୍ତତାରା ସଶିତନୀରେ ପ୍ରକାଶ କରିଛନ୍ତି । ତିନିନୁ ଖିନୁ ଗଣମାଧ୍ୟମ ଏତଂ ସାମାଜିକ ଗଣମାଧ୍ୟମରେ ମିଛରେ ଅର୍ଥ ଆତ୍ମସାତ କରିଥିବାର ଅପପ୍ରତାର କରି ଅଯଥା ତତନାମ ଜଣାଯାଇଛି ତୋଲି ସେ ଅଭିଯୋଗ କରିଛନ୍ତି । ଏହି ଟ୍ରେନ ପ୍ରକଳ୍ପ ୨୦୨୫-୨୬ ଆର୍ଥିକ ବର୍ଷରେ ଟାୟାର୍ଡ ପଣ୍ଡରେ ଥିଲା । ଯାହାକି କେତତ ଜଳ ଓ ପରିମଳ କାର୍ଯ୍ୟ କରିଥେବ । ସେଥି ପାଇଁ ଟ୍ରେନ ନିର୍ମାଣ ପାଇଁ ପ୍ରସ୍ତାବ ଥିଲା ଓ କିନ୍ତୁ ଟ୍ରେନ ଅପେକ୍ଷା ରାସ୍ତା ନିର୍ମାଣ ପାଇଁ ? ସ୍ଥାନୀୟ ସରପଂଚଙ୍କଠାରେ ତାତି କରିଥିଲେ । ଗ୍ରାମର ପୋଷ ଅସିଂ ଯିବା ପାଇଁ ରାସ୍ତା ନ ଥିଲା । ତେଣୁନେଇ ସରପଂଚ ବିତତ ରାତେ ବିତୋଳ୍ୟୁଶନ୍ କରି ବାଲିଆପାଳ ବିଡିଓଙ୍କଠାରୁ ଅନୁମତି ୨୬-୨୨ ଆର୍ଥିକ ବର୍ଷରେ ଜଂକ୍ସିଟ ରାସ୍ତା ନିର୍ମାଣ ହୋଇଛି । ଏହାର ସବିଶେଷ ସାଇନ ମଧ୍ୟ ପ୍ରସ୍ତୁତ ହୋଇଛି ତୋଲି କହିଥିଲେ । ଏହି ଖବରଦାତା ସଶିତନୀରେ ଗ୍ରାମବାସୀ ପ୍ରସ୍ତୁତତ ଧନ, ସୁଖାନ୍ତ କୁମାର ଜେନା, ବିଜୟ ସାମଲ, ଜୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲିଆପାଳ ଠାରେ ସୁବର୍ଣ୍ଣରେଖା ବନ୍ଦର ବାସ୍ତବ ରୂପ କେବେ ନେବ ? ବାଲିଆପାଳ ବାସୀଙ୍କ ପାଇଁ ବନ୍ଦର ସ୍ୱପ୍ନ ହୋଇ ରହିଯିବ କି ?



ବାଲିଆପାଳ, ୦୪/୧୧ (ଆ.ପ୍ର) : ଅତୀତରେ ବହୁ କମ୍ପାନୀ ଓଡ଼ିଶାରେ । ବିଭିନ୍ନ ସ୍ଥାନରେ ଅନୁସାନ ନର୍ମାଣ ପାଇଁ ଯୋଜନା କରି ଜମି ଅଧିଗ୍ରହଣ କରି ଶେଷରେ ଲୋକଙ୍କୁ ବୁଝାଇ ବୁଝାଇ ତାଲିଯାଇଥିବା ନଜୀର ରହିଛି । ସେ ତିତରୁ ଉତ୍ତରପିଂଚପୁର ଜିଲ୍ଲାର ପ୍ରସ୍ତାବତ ପୋତ୍ସୋ ଅନ୍ୟତମ । ଦୀର୍ଘଦିନ ଧରି ଜମି ଅଧିଗ୍ରହଣ କରି ହଜାର ହଜାର ଗଛ କାଟି ତାଷ କ୍ଷେତ୍ରକୁ ନଷ୍ଟ କରି ଶେଷରେ ନିଜର କମ୍ପାନୀକୁ ଅନ୍ୟତ୍ର ପ୍ରାନାନ୍ତର କରିବା ଭଳି ବାଲିଆପାଳରେ ଗାତ୍ତା କମ୍ପାନୀ ଦ୍ୱାରା ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଧୂଆଁ ଜାଣ ପାଇପଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନଥାରେ । ରାଜନୈତିକ ଦୃଢ଼ିସେତା ଉତ୍ତର ସରକାର ଓ ବିରୋଧୀ ଓ ସ୍ଥାନୀୟ ଅଂଚଳର କିଛି ନେତାଙ୍କ ସ୍ୱାର୍ଥ ଆରରେ ଅଂଚଳବାସୀଙ୍କ ସ୍ୱାର୍ଥକୁ ଜଳାଜଳି ଦେଇ ନିଜର ପରିଆରା ବଢ଼ାଇବା ଲକ୍ଷ୍ୟ ଆଜି ବନ୍ଦରକୁ ଅଞ୍ଚାର ଗିତରକୁ ଠେଲିଦେଇଛି । ସୂତ୍ରାଶୟରେ, ବାଲିଆପାଳରେ ଗାତ୍ତ ସରକାରଙ୍କ ବହୁ ଆଜାଷିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି । ଗୋଟିଏ ପଟେ ବନ୍ଦର କର୍ତ୍ତୃପକ୍ଷ ଟାଲମଟୁଳ ନାତି ଓ ଅନ୍ୟ ପଟେ ଧାନ, ପାନ ମାନ ରେ ଉତପୁନ ସବୁଜ ଶ୍ୟାମଳ ଅଂଚଳରେ ରିଟମାଟି ସୁରକ୍ଷା କମିତିର ବନ୍ଦର ବିରୋଧୀ ଉଣପାଲୁନ୍ଦାନ୍ତି । ବନ୍ଦର କର୍ତ୍ତୃପକ୍ଷ ବଢ଼ ଦୃଢ଼ ତିତରେ ରଖୁଛି । ନାଶର ଧାରା ପ୍ରତାହିତ ବନ୍ଦରର ହୁଙ୍କାର ଅଂଚଳବାସୀଙ୍କୁ ବନ୍ଦର ପ୍ରତିତା ନେଇ ବନ୍ଦର ଦ୍ୱାରା ବାଲିଆପାଳ ଅଂଚଳରେ ବିକାଶ ହୋଇ ସମ୍ଭାବତାତୀ ପକ୍ଷବାତୀ ମନରେ ଆଶା ରଖି ସ୍ୱପ୍ନର ସୁବର୍ଣ୍ଣରେଖା ପରିକଳ୍ପନା ନେଇ ଚାଲିଥିବା ବନେ ବନ୍ଦର । ବିରୋଧୀଙ୍କ ତାତ୍ତ ପ୍ରତିବାଦରେ ବନ୍ଦର ନିର୍ମାଣକାରି ଠିକା ସଂସ୍ଥାର କର୍ମଚାରୀ ମାନେ ବନ୍ଦର ସ୍ଥାନକୁ ଯିବା ଗାତ୍ତା କମ୍ପାନୀ କେବଳ ବାଲିଆପାଳରେ ସଂସ୍ଥାୟକ ଗୋଷ୍ଠୀ ଦ୍ୱାରା ସ୍ଥାନୀୟ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଓ ମହିଳା ନ ଓ ମହିଳା ସ୍ୱୟଂସ୍ୱ ନେଇ ସନ୍ଦେହ ସୃଷ୍ଟି କରୁଛି । ଗତ କିଛି ଦିନ ତତନେ ଜନେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବନ୍ଦର ନିର୍ମାଣର ଅଗ୍ରଗତି ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉପାପ ଥିଲେ କି ବର୍ତମାନ ବନ୍ଦର ନିର୍ମାଣ କାର୍ଯ୍ୟ ଓ ବନ୍ଧା ବିଧାୟିକା ସୁବାସନୀ ଜେନାଙ୍କଠାରୁ ସ୍ଥରରେ ରହିଛି, ସେଠି ପ୍ରକାରର କାର୍ଯ୍ୟ ଚାଲୁ ରହିଛି ଏବଂ ସେଠି ତତସିରର କେଚଁ ମୌଜାରେ କେତେ ଜମି ଅଧିଗ୍ରହଣ ହୋଇ ସାରିଛି, ନିର୍ମାଣକାରୀ ସଂସ୍ଥା ସେଠି କାର୍ଯ୍ୟକୁ ଅଗ୍ରାଧିକାର ଦେଇଛନ୍ତି, ସେ ସମ୍ପର୍କରେ ପଚାରିଥିଲେ । ଏହାର ଉତରରେ ବିଧାଗୀୟ ମନ୍ତୀ ୨୦୦୮ ମସିହା ଜାନୁଆରି ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାରେ ଜଳେଶ୍ୱର ବିଧାନସଭା ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ମୁହାଣ ମୌଜାଠାରେ ବନ୍ଦରପ୍ରତିଷ୍ଠା ନିମନ୍ତେ ଚେନ୍ନାଇ ଲିଏଟିସ୍ ପୋର୍ଟ ଏତଂ ୨୦୧୯ ରେ ଗାତ୍ତା କମ୍ପାନୀ ସହିତ ରାଜ୍ୟ ସରକାର ବୁଝିମମା । ଆବଶ୍ୟକ ୧୮୪୯.୫୬ ସ୍ୱାକ୍ଷତିତ ହୋଇଥିଲା । ଏଥାଏଁ ସରିତି ଜମି ଅଧୋଗ୍ରହଣ ଏକର ଜମି ୧୪୨୫.୬ ଏକରରୁ ଜମି ଅଧିଗ୍ରହଣ ହୋଇଛି ସତ୍ତ୍ୱପଥ ଓ ତେନପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି । ନିର୍ମାଣକାରୀ ଟାଟା କମ୍ପାନି ବନ୍ଦରର ପ୍ରାରମିକ ନିର୍ମାଣ କାର୍ଯ୍ୟ ପନ୍ଧ ଜମି ଅଧିଗ୍ରହଣ କାର୍ଯ୍ୟକୁ ପ୍ରାଥମିକତା ତେଇଛନ୍ତି । ବନ୍ଦର ପାଇଁ ମୌଜୁଦ ମୌଜାରେ ୧୩୭୪.୧୨ ଏକର ଜମିର ଆବଶ୍ୟକତା ଅତୀତରେ ବର୍ତମାନ ସୁଦ୍ଧା ୧୧୦୫.୬୨ ଏକର ଜମି ଅଧିଗ୍ରହଣ ସରିଛି । ବାକି ୨୬୮.୫୦ ଏକର ଜମି ଅଧିଗ୍ରହଣ ଖୁବ୍‌ଶୀଘ୍ର କରାଯିବ ତୋଲି ସେ କହିଥିଲେ । ତେବେ ପ୍ରଶ୍ନ ଉଠୁଛି, ୧୮ ବର୍ଷ ମଧ୍ୟରେ ଯଦି ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇନି । ତା'ହେଲେ ପ୍ରସ୍ତାବିତ ବନ୍ଦର ପ୍ରତିଷ୍ଠା ବାସ୍ତବ ରୂପ କେତେ ନେବ । ନାଁ ଏହା ସ୍ୱପ୍ନ ରେ ରହି ଯିବ ? ଯଦି ବାସ୍ତବ ରୂପ ନେବ, ଆଗାମୀ କେତେବର୍ଷ ମଧ୍ୟରେ ଜମି ଅଧିଗ୍ରହଣ ଓ ନିର୍ମାଣ କାର୍ଯ୍ୟ ଶେଷ ହେବ ? ଏ ନେଇ ଏକ ସ୍ପଷ୍ଟ ଚିତ୍ର ମିଳିବାର ଆବଶ୍ୟକତା ରହିଛି ତୋଲି ସାଧାରଣରେ ମତପ୍ରକାଶ ପାଇଛି ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ



ଜଳେଶ୍ୱର, ୦୪/୧୧ (ଆ.ପ୍ର) : ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଲୋକ୍ୟୁକ୍ତି ପ୍ରତିଭା ବିକାଶ ଓ ଅନନ୍ୟ ମାମ ସୋତ 'ସୁରଭି' । ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଶକ୍ତିର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ବିକଶିତ ଭାରତ ସମତ ତୋଲି ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅବସରରେ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି । ଏହି ଉପଲକ୍ଷେ ସରକାରୀ ଉଚ୍ଚ ବିଦ୍ୟାଳୟ, ଖାଣିନା ସଙ୍ଗିକନା ଭବନରେ ପୂର୍ବାହ୍ନ ରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘଟନ କରି 'ସୁରଭି' କୁନି କୁନି ଛାତ୍ରଛାତ୍ରୀଙ୍କ ଲୋକ୍ୟୁକ୍ତିର ପ୍ରତିଭା ଅନୁଧ୍ୟାନର ଅନନ୍ୟ ମାମ ତୋଲି ମତବ୍ୟକ୍ତ କରୁଥିଲେ । ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଖାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଖାଣିନା ସରପଂଚ ମିନତୀ ପାତ୍ର, ସମିତି ସଭ୍ୟା ସସ୍ମିତା ତତ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ମିନତୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଖାନ୍ତ କୁମାର ମହାପାତ୍ର, ବ୍ଲକ ଉପାକ୍ଷା ସଂଚିତା ସେନାପତି, ଜଳେଶ୍ୱର ପୌର ଅକ୍ଷ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ର ଆରମ୍ଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗଠନ ମୂଳକ ଓ ଉପଯୋଗୀ ଅଭିଭାଷଣ ପ୍ରଦାନ କରିଥିଲେ । ବିଜିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା । ଆଂଚଳିକ ସାଧନ କେନ୍ଦ୍ର ନାମୋଦର ସଂଯୋଜକ ମନୋରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରାଙ୍କ ଦ୍ୱାରା ବରେ ବଳ୍ଲକ ଜନନୀ ସଂଗୀତ ପରିବେଷଣ ପରେ ସଭା ସାଙ୍ଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ୟାମସୁନ୍ଦର ଦେ, ଜାଜେବ୍ରତ ନାୟକ, ହରେକୃଷ୍ଣ ଜେନା, ହର ମୋହନ ମହନ୍ତ, ବୁଦ୍ଧଦେବ ଜେନା, ସୁତତ ସେନାପତି, ସଂଜୀବ ଜେନା, ହରେନ୍ଦ୍ର ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

ଆସନ୍ତା ୬ ତାରିଖରେ ଆଲୋମିନି କମିଟି ଗଠନ କରି ପ୍ରଥମ ପ୍ରସ୍ତୁତି ବୈଠକ

ବାଲିଆପାଳ, ୦୪/୧୧ (ଆ.ପ୍ର) : ବାଲିଆପାଳ ବ୍ଲକ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଇଁ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଖବରଦାତା ସଶିତନୀ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ୍ରାବେଣି ଧଡାଙ୍କ ପୌରୋହିତ୍ୟରେ ଆୟୋଜିତ ଖବରଦାତା ସଶିତନୀରେ ଅଧ୍ୟାପକ ରଞ୍ଜନ କୁମାର ପାତ୍ରୀ, ଦେରୋଲ ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ପୂର୍ବତନ ଛାତ୍ର ନେତା ରବିନ୍ଦ୍ର ନାଥ ଅଣିଆ, ରବିନାରାୟଣ ମହାନ୍ତି, ଗୋପାଳ ବନ୍ଧୁ ସାହୁ, ଜଦୁଲୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ମାସର ଶେଷ ସପ୍ତାହରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଜଉେୟର ଛଅ ତାରିଖ ଦିନ ଅପରାହ୍ନ ଦୁତଟାରେ କଲେଜ ପରିସରରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ତୋଲି ଖବର ଦାତା ସଶିତନୀରେ ସୂତନା ଦିଆଯାଇଛି ।

ଉପଖଣ୍ଡ ଚିକିତ୍ସାଳୟ ସମସ୍ୟାର ସମାଧାନ ଦାବୀ

ନାଳଗିରି, ୦୪/୧୧ (ଆ.ପ୍ର) : ନାଳଗିରି ଉପଖଣ୍ଡ ଚିକିତ୍ସାଳୟର ବିଜିନ୍ନ ସମସ୍ୟାର ଆଶୁ ସମାଧାନ ଲକ୍ଷ୍ୟରେ ଆନ୍ଦୋଳନରତ ନାଳଗିରି ଉପଖଣ୍ଡ ଉତ୍ତାଦାତା ସଂଘ । ଆଜି ନାଳଗିରି ଉପଜିଲ୍ଲାପାଳ ଏବଂ ନାଳଗିରି ଉପଖଣ୍ଡ ଚିକିତାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନକରି ଅକାମୀ ହୋଇପଡିଥିବା ଅତ୍ୟାବଶ୍ୟକୀୟ ଚିକିତାର ଏକରେ ମେଶିନର ଅତିଜରୁ ମରାମତି, ବିଜୁଳି ଏକରେ ମେଶିନ ଉପଲବ୍ଧ ଜାଗାଚରା, ଅଲଟ୍ରା ସାଉଣ୍ଡ ଚାତ୍ରତ୍ରା ଅନ୍ୟ ରୋଗୀଙ୍କ ପାଇଁ ଉପଲବ୍ଧ କରିବା, ନିତାଳ ପରୀକ୍ଷାକୁ ନିୟମିତ ଓ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରିବା, ଚକ୍ଷୁ ପରୀକ୍ଷା ଓ ଅସ୍ତୋପଚାର ଆରମ୍ଭ ହେବା, ଉକ୍ତ ଉଦ୍ଧାର

ତମଲଟ
ଆରମ୍ଭ
SEITHO ARAMBHA
ଗୁରୁବାର ୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଘରର ଶତ୍ରୁ

ଭାରତ ଏକ ବିଚିତ୍ର ଦେଶ । ଯେଉଁ ମହାନ ଦେଶରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ବିକ୍ରମାଦିତ୍ୟ, ରାଣାପ୍ରତାପ, ପୃଥ୍ୱୀରାଜ ଚୌହାନ, ଶିବାଜୀ ଉତ୍ତର ସିଂହ, ଲାଲ-ବାଲ-ପାଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ସୁପୁତ୍ରମାନେ ଜନ୍ମ ନେଇଥିଲେ । ସେହି ପବିତ୍ର ମାଟିରେ ଦେଶଦ୍ରୋହ ବିଶ୍ୱାସଘାତ କରୁଥିବା ଜଘନ୍ୟତ୍ମ ମାନଙ୍କର ମଧ୍ୟ ଅବଶ୍ଚିତ ଆଦିର୍ଭାବ ହୁଏ । ସେଠାରେ ପୁଣି ମଣିଶଙ୍କର ଆୟର, ମାନିଶ ତିୱାରି, ଦିଗବିଜୟ ସିଂ, ଅଧିର ରଞ୍ଜନ ଚୌଧୁରୀଙ୍କ ଭଳି ନେତାମାନେ ଜନ୍ମ ନିଅନ୍ତି । ରାସ୍ତାରେ ଯାଉଥିବା ମୋଲା ପଇ ଯେଉଁ ଆଗରେ ଯାଉଥିବା ମୌଲାଳୀ ଅନୁସରଣ କରି ମାଡିଯାଆନ୍ତି, ଠିକ ସେହିପରି କଂଗ୍ରେସର ନେତାମାନେ ଜଣେ ନିର୍ବୋଧ ବ୍ୟକ୍ତିକୁ ଅନୁସରଣ କରି ମାଡି ଚାଲିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଥକି ଯାଇଥିଲେ । ସେମାନେ ନିଜେ ଭାରତକୁ ଛାଡି ପଳାଇବାକୁ ଏକପ୍ରକାର ସ୍ଥିର କରିଥିଲେ । ୧୯୪୨ ଅଗଷ୍ଟ କ୍ରାନ୍ତି ପରେ ଇଂରେଜମାନଙ୍କର ଏଭଳି ମାନସିକତା ପ୍ରକାଶ ପାଇଥିଲା ।ସେତେବେଳେ ପୁରସିମା ଲିଗର ସେଣ୍ଟରିଟୋରୀଆ ଆଜିଗୁଖ୍ୟ ସଞ୍ଚୁଖକୁ ଆସିଥିଲିଆ । ଧର୍ମ ଆଧାରରେ ଏକ ଇସଲାମିକ ଦେଶ ଗଠନ ହେବାକୁ ଯାଉଥିବା ପ୍ରଚାରିତ ହୋଇସାରିଥିଲା । ତେଣୁ ଅବିଭାଜିତ ଭାରତର ସିନ୍ଧ ଓ ପଞ୍ଜାବ ପ୍ରଦେଶର ଅଣମୁସଲିମମାନେ ସେଠାରୁ ପଳାୟନ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଜମ୍ମୁ କାଶ୍ମୀରରେ ମଧ୍ୟ ଆଶ୍ରୟ ନେଇଥିଲେ । ଏହି ପ୍ରକ୍ରିୟା ୧୯୪୪ ଚୁଲାଇରୁ ଆରମ୍ଭ ହୋଇଥିଲା । ଏହି କାରଣରୁ ଜମ୍ମୁ କାଶ୍ମୀରରେ ଗାନ୍ଧୀ ହତି ସିଂହଙ୍କ ସମୟରେ ବହୁ ସଂଖ୍ୟାରେ ପାକିସ୍ତାନରୁ ଆସିଥିବା ହିନ୍ଦୁମାନେ ରହସ୍ୟମୟ କରୁଥିଲେ । କିନ୍ତୁ ୧୯୪୭ ଅଗଷ୍ଟ ୧୫ରେ ଦେଶ ବିଭାଜନ ହେବା ପରେ ଜମ୍ମୁ କାଶ୍ମୀର ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ରହିଥିଲା । ମହାରାଜା ହରି ସିଂହ ଏଠାରେ ଇଂରେଜମାନଙ୍କୁ ପୂଜାଉ ନଦେବା ପାଇଁ ସ୍ୱତନ୍ତ୍ର ରୁ ସମ୍ପତି ଅଧିକାର ଆଇନ ଲାଗୁ କରିଥିଲେ । ପାକିସ୍ତାନ ୧୯୪୭ ଅକ୍ଟୋବର ୨୦ରେ ଜମ୍ମୁ କାଶ୍ମୀରକୁ ଅକ୍ରିୟାର କରିବା ପାଇଁ ଏହାର ସୈନ୍ୟମାନଙ୍କୁ ଆଦିବାସୀ ବେଶରେ ଅନୁପ୍ରବେଶ କରାଇ ଆକ୍ରମଣ କରିଦେଲା । ଏହାର ମାତ୍ର ୫ଦିନ ପରେ ମହାରାଜା ହରି ସିଂହ ଜମ୍ମୁ କାଶ୍ମୀରକୁ ପାକିସ୍ତାନ କବଜରୁ ରକ୍ଷା କରିବା ପାଇଁ ଭାରତ ନିକଟରେ ସମର୍ପଣ କରିବା ସହ ୧୯୪୭ ଅକ୍ଟୋବର ୨୬ରେ ଇନଷ୍ଟ୍ରୁମେଣ୍ଟ ଅଫ ଆକ୍ସେସନରେ ସ୍ୱାକ୍ଷର କରେ । ଭାରତୀୟ ସେନା ପାକିସ୍ତାନ ଅନୁପ୍ରବେଶକାରୀଙ୍କୁ ବିତାଡିତ କରି ଚାଲୁଥିଲେ । କିନ୍ତୁ ଡମିମ୍ବରେ ହରି ସିଂହଙ୍କଠାରୁ କ୍ଷମତା ଆଣି ଚତୁର ନେହରୁ ଶେଖ ଅବଦୁଲ୍ଲାକୁ କାଶ୍ମୀରର ଶାସନ ଭାର ଦେଇ ଦେଇଥିଲେ । ବର୍ତମାନ ଯାହାକୁ ପାକ ଅଧିକୃତ କାଶ୍ମୀର କୁହାଯାଉଛି, ସେଠାରେ ଶେଖ ଅବଦୁଲ୍ଲାଙ୍କ ଆଦୌ ପ୍ରଭାବ ନଥିଲା । ତେଣୁ ଭାରତୀୟ ଜବାନମାନେ ମୌସେରା ସେକ୍ଟର ଅତିକ୍ରମ କରିବା ପରେ ଶେଖ ଅବଦୁଲ୍ଲା ମୁଖ ବିରତୀ ପାଇଁ ପ୍ରସ୍ତାବ ଦେଲେ । କିନ୍ତୁ ସର୍ଦାର ବଲ୍ଲଭ ଭାଇ ପଟେଲ ଏହାକୁ ମାନିବାକୁ ପ୍ରସ୍ତୁତ ନଥିଲେ । ସେ ନେହରୁଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପାକିସ୍ତାନୀ ସୈନ୍ୟମାନଙ୍କୁ ଖେଦାଡି ଦିବା କରୁଥିଲେ । ଠିକ ଏହି ସମୟରେ ଲର୍ଡ ମାଉଣ୍ଟବ୍ୟାଟେନଙ୍କ ପରାମର୍ଶକ୍ରମେ ନେହରୁ ଜାତିସଂଘର ହସ୍ତକ୍ଷେପ ଲୋଡିଲେ । ସେତେବେଳକୁ ପରିସ୍ଥିତି ଶେଖ ଅବଦୁଲ୍ଲାଙ୍କ ସପକ୍ଷରେ ଯାଇଥିଲା । ୧୯୪୭ ନଭେମ୍ବରରୁ ପ୍ରାୟ ୩। ୪ମାସ ଅବଦୁଲ୍ଲା ଓ ନେହରୁ କାଶ୍ମୀର ପରିସ୍ଥିତିକୁ ଏତେ ଜଟିଳ କରିଦେଲେ ଯେ, ଅବଦୁଲ୍ଲା ପୂରା କାଶ୍ମୀରକୁ ସ୍ୱାୟତତା ଦାବି କଲେ । ହେଲେ ନେହରୁ ଏତୁଟିଆ ଏଭଳି ନିଷ୍ପତି ନେଇପାରିବେ ନାହିଁ ତାହା ସ୍ପଷ୍ଟ ଥିଲା । ଏଭଳି ଦ୍ୱନ୍ଦ୍ୱ ଭିତରେ ୧୯୪୮ରେ ଜାତିସଂଘ ପୂରା କାଶ୍ମୀର ଘଟଣାଚ୍ରକୁ ମନିଟର କରିବା ଆରମ୍ଭ କଲେ ଏବଂ ଏଠାରେ ରୁହେଁସାଇଟ କରାଇବାକୁ ପ୍ରସ୍ତାବ ଦେଲେ । ବିରାଡି ପୁଅକୁ ସିଙ୍କା ଛିଣ୍ଡିବା ଭଳି ଶେଖ ଅବଦୁଲ୍ଲା ନେହରୁଙ୍କୁ କହିଲେ ଯେ, ଜମ୍ମୁ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଉ, ପୂରା ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭଳି ସ୍ୱାୟତତା ମିଳୁ , ଏହା ପାଇଁ ଆଲୀ ସମିଧାନ, ଅଲୀ ପତାକା ରହୁ ଇତ୍ୟାଦି ଇତ୍ୟାଦି । ନେହରୁ ମଧ୍ୟ ଅବଦୁଲ୍ଲାଙ୍କ ଜିଦର ଦି ମାଗିବା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ତେଣୁ ଡଲାଲାଜ ବିଧିମନ୍ତ୍ରୀ ଦାରା ସାହେବ ଆମେଦକରଙ୍କୁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ କହିଲେ ।

ପ୍ରତିବର୍ଷ ଅକ୍ଟୋବର ୩।୧ ରେ, ଆମ ଦେଶ ଭାରତ ରାଷ୍ଟ୍ରୀୟ ଏକତା ଦିବସ (Rashtriya Ekta Diwas) ପାଳନ କରିଥାଏ, ଯାହା ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ଅଟେ । ଏହି ମହାନ ନେତାଙ୍କ ଦୂରଦୃଷ୍ଟି ଓ ଦୃଢ ସଂକଳ୍ପ ଏକୀକୃତ ଭାରତର ପାଇଁ ଗିରି ପ୍ରଦାନ କରିଥିଲା । "Iron Man of India' (ଭାରତର ଲୌହ ପୁରୁଷ) ଭାବେ ପରିଚିତ, ପଟେଲଙ୍କ ଦକ୍ଷିଣ ନେତୃତ୍ୱ ଦ୍ୱାରା ୫୬୦ରୁ ଅଧିକ ରିୟାସତ ରାଜ୍ୟ (Princely States) ଭାରତରେ ସମ୍ମିଳିତ ହେଲେ ଏବଂ ଆମ ଦେଶ ଏକ ସ୍ୱାଧୀନ ଓ ଏକତା ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେଲା । ତେଣୁ ରାଷ୍ଟ୍ରୀୟ ଏକତା ଦିବସ ହେଉନ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହୁଏଁ, ଉଙ୍ଗ ଏହା ଭାରତର 'ବିଭିଧତାରେ ଏକତା' ର ସଂକଳ୍ପର ପୁନରୁଚାରଣ ଅଟେ । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାବେଳେ ଦେଶରେ ୫୬୦ରୁ ଅଧିକ ରିୟାସତ ରାଜ୍ୟ ଥିଲେ ଓ ପ୍ରତ୍ୟେକର ନିଜସ୍ୱ ଶାସନ ବ୍ୟବସ୍ଥା ଥିଲା । ସର୍ଦାର ପଟେଲ ସେହି ସମସ୍ତ ରାଜ୍ୟ ଗୁଡିକୁ ରାଜନୀତିର ସଂଘରେ ଏକତାବଦ୍ଧ କରିବାର ଏକ ଅଭ୍ୟନ୍ତ ଜଟିଳ କାର୍ଯ୍ୟ ହାତକୁ ନେଇଥିଲେ । ନିଜାମ ନେତୃତ୍ୱ ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି କାର୍ଯ୍ୟରେ ସଫଳ ହୋଇ ଥିଲେ ଓ ସେ ସାଇମୁଦାବାଦ, ଜୁନାଗଡ଼ ଓ ଜଜୁ-କାଶ୍ମୀର ପରି ଗୁରୁତ୍ୱପୂର୍ଣ୍ଣ ଅଂଚଳଗୁଡିକୁ ଭାରତରେ ଏକତ୍ରିତ କରି ଭାରତର ଭୂଲାଗାୟ ଅଖଣ୍ଡତା ସୁନିଶ୍ଚିତ କରିଥିଲେ ଓ ସେ କହିଥିଲେ – "Manpower without unity is not a strength unless it is harmonized and united properly, then it becomes a spiritual power." ଅର୍ଥାତ୍ ଏକତା ବିନା ମାନବ ଶକ୍ତି କୌଣସି ଶକ୍ତି ନୁହେଁ; ଏକତା ହେଲେ ତାହା ଆଧ୍ୟାତ୍ମିକ ଶକ୍ତିରେ ପରିଣତ ହୁଏ ।

ଜଜାଦିତ ରାଷ୍ଟ୍ରୀୟ ପାଇଁ ସର୍ଦାର ପଟେଲଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଆରମ୍ଭ ସର୍ଦାର ପଟେଲଙ୍କ ଅବଦାନ ଓ ସୃତିକୁ ଜନ୍ମଦିନରେ ୨୦୧୪ ମସିହାରୁ ରାଜାର ସରକାରଙ୍କ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ପଟେଲଙ୍କ "ଏକ ଭାରତ, ଶ୍ରେଷ୍ଠ ଭାରତ (Ek Bharat, Shreshtha Bharat)" ଦୃଷ୍ଟିକୋଣକୁ ସ୍ମରଣ କରି ତାହାର ପାଳନ କରିବା । ଏହି ଦିନ, ସମଗ୍ର ଦେଶରେ "Run for Unity', ସାଂସ୍କୃତିକ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ପ୍ରତିଜ୍ଞା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ପ୍ରମୁଖ ଆୟୋଜନ ଗୁଡିକ ଗୁଜରାଟ ସ୍ଥିତ ୧୮୨ ମିଟର ଉଚ୍ଚ ଓ ସର୍ଦାର ପଟେଲଙ୍କ ସୃତିରେ ନିର୍ମିତ ୫ଟ୍ଚତ୍ୱାଙ୍କର ବ୍ରୁନ୍ଜ ତତ୍ତ୍ୱସଙ୍ଗ (ଏକତା ମୂର୍ତି) ଠାରେ ଅନୁଷ୍ଠିତ ହୁଏ । ଏହା ଭାରତର ଶକ୍ତି, ସାହସ ଓ ଏକୀକୃତ ଆତ୍ମାର ପ୍ରତୀକ । ସର୍ଦାର ପଟେଲଙ୍କ ରାଜନୈତିକ ବୁଦ୍ଧିମତା ଓ ଦୂରଦୃଷ୍ଟି ଆଜି ମଧ୍ୟ ସମାନ ଗୁରୁତ୍ୱ ବହନ -"Take to the path of Dharma-the path of truth and justice- for that is the correct path for all." ଅର୍ଥାତ୍ 'ସତ୍ୟ ଓ ନ୍ୟାୟର ପଥକୁ ଅନୁସରଣ କର, କାରଣ ସେହିପଥ ସମସ୍ତଙ୍କ ପାଇଁ ଉଚିତ ପଥ ।' ରାଷ୍ଟ୍ରୀୟ ଏକତା ଦିବସ ଆମକୁ ସାଂସ୍କୃତାୟିକ ସହିଷ୍ଣୁତା, ସାମାଜିକ ସମ୍ମାନ ଓ ଏକତା ଭଳି ମୂଲ୍ୟବୋଧ ଗୁଡିକୁ ସ୍ମରଣ କରାଇଥାଏ । ବର୍ତମାନ ଆମଦେଶ ଭାରତ ଯେପରି ଆଂତଳିକ ବୈଷମ୍ୟ, ସାମାଜିକ ଭେଦଭାବ ଓ ବିଚାରଧାରାର ବୃଦ୍ଧିର ଭଳି ଆହ୍ୱାନ ଗୁଡିକର ସାମ୍ନା କରୁଛି ତାହାପାଇଁ ରାଷ୍ଟ୍ରୀୟ ଏକତା ଦିବସର ଆବଶ୍ୟକତା ଅଧିକ ହୋଇପଡ଼ିଛି । ପ୍ରତିବର୍ଷ ପାଳନ ହେଉଥିବା ଏହି ଉତ୍ସବ ଏକ ଜାଗରଣ ସମ୍ଭେତ ଦେଇଥାଏ ତାହା ହେଲା ଭାରତ ବିଭାନ୍ନ ଓ ବିବିଧ ହୋଇଥିଲେ ମଧ୍ୟ ଏହାର ଆତ୍ମା ହେଉଛି ଏକ ଓ ପଟେଲଙ୍କ ଶବ୍ଦରେ – "My only desire is that India should be a good producer and no one should be hungry, shedding tears for food in the country." ଉତ୍ପାଦନଶୀଳ ହେଉ, ଯେପରି ଏହି ଦେଶରେ ଖାଦ୍ୟ ପାଇଁ କାହାରି ଲୁହ ନ ବହୁ । ରାଷ୍ଟ୍ରୀୟ ଏକତା ଦିବସ ଦେଉଛ ସୃତିର ଦିନ ନୁହେଁ – ଏହା ଏକତାର ଶକ୍ତିର ସ୍ମରଣ ଅଟେ । ଏହା ଭାରତୀୟ ସଂବିଧାନର ମୂଲ୍ୟବୋଧ, ଧର୍ମନିରପେକ୍ଷତା ଓ ଏକତାର ଆତ୍ମାକୁ ପ୍ରତିଫଳିତ କରେ । ସର୍ଦାର ପଟେଲଙ୍କ ଉଚ୍ଚାରିତ ଶବ୍ଦ ଆଜି ମଧ୍ୟ ପ୍ରାସଙ୍ଗିକ ତାହା ହେଲା "Work is worship, and labor is divine, and the man who works hard in the right spirit is always at peace and is happy." ଅର୍ଥାତ୍ "କାମ ହେଉଛି ପୂଜା, ଶ୍ରମ ହେଉଛି ଦେବତା, ଯିଏ ନିଜ କାମକୁ ନିଷ୍ଠାର ସହିତ କରେ ସେ ସଦା ଶାନ୍ତି ଓ ସୁଖୀ ହୁଏ ।' ସର୍ଦାର ବଲ୍ଲଭଭାଇ ପଟେଲଙ୍କ ସୃତି ଭାରତର ଆତ୍ମାରେ ଜୀବନ୍ତ - ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହେବା ଏକତାର ଗୁରୁତ୍ୱ ବୋଧ କରେ ଓ ନିଷ୍ଠିତ କରେ ଯେ ଭାରତ ସର୍ବଦା ଏକତାର ସୂତ୍ରରେ ବାନ୍ଧି ହୋଇ ରହି ଏକ ସଶକ୍ତ ଓ ସମୃଦ୍ଧିଶାଳୀ ରାଷ୍ଟ୍ର ହୋଇ ରହିବ ।

ଇସଲାମିକ୍ ସ୍ୱଲାର

ଦୀପ ପ୍ରଜ୍ୱଳନ ଓ ବିଜ୍ଞାନ ଦୃଷ୍ଟିକୋଣ

॥ ଡକ୍ଟର ରାଜକିଶୋର ମିଶ୍ର ॥

ଅନ୍ଧାରର ବିନାଶ କରିଥାଏ ଦୀପ । ଏହା ସମସ୍ତଙ୍କର ମାଙ୍ଗଜନକାରିଣୀ ହୋଇଥାଏ । ଆମ ମହାନ ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତି ଓ ଓଡ଼ିଆ ଘର ଜୀବନ ତଡଣୀ ଭିତରେ ବିଭେଷକରି ପର୍ବପର୍ବାଣୀ ସମୟରେ ପ୍ରଦୀପ ପ୍ରଜ୍ୱଳନର ଅନେକ ଗାତିନୀତି ରହିଛି । ଆଳତର ସହ ଦୀପାବଳି ଦିନ ପ୍ରତିଟି ଓଡ଼ିଆଘର ଘରେ ପ୍ରଦୀପ ପ୍ରଜ୍ୱଳନ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥାଏ । ତେବେ ଏହି ପ୍ରଦୀପ ପ୍ରଜ୍ୱଳନ ପଛର ବିଜ୍ଞାନ ଦୃଷ୍ଟିକୋଣ ଏହା ବ୍ୟାପ୍ତୀତ କେତେକ କ୍ଷେତ୍ରରେ ବାସ୍ତୁଶାସ୍ତର ପଙ୍ଗତିଂତ ତଥ୍ୟ ଉଲ୍ଲେଖ ରହିଛି । ପ୍ରଦୀପ ପ୍ରଜ୍ୱଳନର ପ୍ରକୃଷ୍ଟ ସ୍ଥାନ ହେଉଛି ଘରର ବା କାର୍ଯ୍ୟ କରୁଥିବା କୌଣସି ଅନୁଷାନ, କାରଖାନା, ପ୍ରତିଷ୍ଠାନର ମୁଖ୍ୟ ଦ୍ୱାର, ତୁଳସୀ ତରତା, ଗୋଷ୍ଠେଇଗର, ଠାକୁର ଘରର କିମ୍ବା ଯେଉଁଠି ବି ମାତା ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ଆସ୍ଥାନ, ବାଦ୍ୟଯନ୍ତ୍ର ବାଜିବାର କୋଠା ଏପରିକି ଛାତ ଉପରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ କୌଣସି ଶୁଭକର୍ମରେ, କାନ୍ଥାଙ୍କର ଶୁଭ ମାନସିକ ସଂକଳ୍ପ କ୍ଷେତ୍ରରେ ମଧ୍ୟ ପ୍ରଦୀପ ପ୍ରଜ୍ୱଳନର ବିଧି ରହିଛି ଏବଂ ଏହାଦ୍ୱାରା ଆମେ ଏକ ପବିତ୍ର ଆବଶ୍ୟକୀୟ ବାତାବରଣ ସୃଷ୍ଟି କରିପାରିଥାଉ ।

ପ୍ରଦୀପ ପ୍ରଜ୍ୱଳନ ପଛରେ ଅନେକ ଗାତିନୀତି ମଧ୍ୟ ରହିଛି । ଯେଉଁଠି ଦୀପ ବସା ଯାଇଥାଏ ଦୀପ ତଳ କୌଣସି ପତ୍ର, ଅଣୁଆ ଗାତଳ କେହି କେହି ଧାନ ରଖି ଏହା ଉପରେ ଦୀପ ବସାଇଥାନ୍ତି । ଜ୍ୟୋତିଵିଦ ଗଜୁନାନନ୍ଦ ଅଜୟ କୁମାର ବେହେରାଙ୍କ କହିବା ଅନୁଯାୟୀ - 'ସୂର୍ଯୋଦୟ ଓ ସୂର୍ଯାସ୍ତ ପରେ ତିନିରୁ ଚାରି ଦଣ୍ଡ ଭିତରେ ଦୀପ ଜଳାଇବା ଉଚିତ । ଏତଦ ବ୍ୟତୀତ ପୂଜାକର୍ମ ବା କୌଣସି ଶୁଭ ମୂହୂର୍ତ ଆବାହନା ସମୟରେ ଦୀପ ଦେବା ବିଧେୟ ।' ଦୀପାବଳି ସମୟରେ ଯିଏ ଦୀପ ପ୍ରଦାନ କରୁଥାନ୍ତି ସିଏ ଗୃହଲକ୍ଷ୍ମୀ ବା ଜଣ୍ଡୀ ହୁଅନ୍ତୁ ନା କାହିଁକି ତାଙ୍କ ହାତ ପାପୁଲି ଅନୁସାର ଦକ୍ଷିଣାବର୍ତୀ ଶଙ୍ଖଟି ଜାଣି କିମ୍ବା ଜଣାଇ ଜାପଡ଼ା ଭିତରେ ଆଣ୍ଠୁଆ ଗାଉଳ, ହଳଦିଆ ସୋରିଷ, ମୁଗ୍ଗର ପ୍ରତୀକ ଭାବେ ରୂପା ଟଙ୍କା ସହ ଆରାଧ୍ୟ ଦେବୀ ମାତା ଲକ୍ଷ୍ମୀଙ୍କୁ ପୂଜା ସଂକଳ୍ପ ଜରି ମାତିର ପ୍ରଦୀପ ଆଳୁଅ ଭିତରେ ବୁଡେଇ ଟଙ୍କା ଜାକୁରେ ରଖିଲେ ସମୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରାୟତଃ ପ୍ରଦୀପରେ ଘିଅ କିମ୍ବା ଅନ୍ୟ ତେଲ ବ୍ୟବହାର ହୋଇଥାଏ ତେବେ ଏ ସବୁ ଭିତରେ ବିଜ୍ଞାନ ସମତ ଏକ କାରଣଟି ହେଉଛି ପ୍ରଦୀପର ଭିତର ଉତାପର ତାରୁ ଜାଳିଁ ଏହା ସହିତ ଦକ୍ଷିଣାବର୍ତୀ ଶଙ୍ଖ ସହିତ ଜାଳିଁ ମିଶିବା ଦ୍ୱାରା ଏକ ସମ୍ପିଶ୍ରିତ ନୂଆ ଜାଳିଁ ସୃଷ୍ଟି ହୋଇଥାଏ ଯାହା ଏ ବିଶ୍ୱର ଜାଳିଗତ ପରିବେଶ ସଂଚାରନା କ୍ଷେତ୍ରରେ କଲ୍ୟାଣକର ।

ବାସ୍ତୁ ଶାସ୍ତର ତଥ୍ୟ ଅନୁଯାୟୀ ପ୍ରଦୀପ ପ୍ରଜ୍ୱଳନର କ୍ଷେତ୍ରତି ଏଁକଳ୍ପ ଦିଗରେ ଧଳା ବା ଜୀଳ ଫୁଲ, ପୂର୍ବ ଦିଗରେ ସବୁଜ, ଗେରିଉ ଦିଗରେ ହଳଦିଆ, ପଶ୍ଚିମ ଦିଗରେ ଧଳା, ଉତର ଦିଗରେ ସବୁଜ ବା ନୀଳ ଉଙ୍ଗର ଫୁଲ ରଖିରେ ପ୍ରଦୀପ ଶିଖାର ଉତରାଭିମୁଖ ଅପୂର୍ବ ଜର୍ଜା ବାୟୁମଣ୍ଡଳର ନିଜସ୍ୱ ପ୍ରକୃତିଗତ ଜର୍ଜା ବଢିବା ଏକାକାର ହୋଇଯାଏ । ଏହି ଯେଉଁ ନୂଆ ଜର୍ଜା ସୃଷ୍ଟି ହୋଇଥାଏ ଏହା ଆନନ୍ଦମୟ ଓ ମାଙ୍ଗଜନକର । ପ୍ରଦୀପ ପ୍ରଜ୍ୱଳନ ପଛରେ ବିଜ୍ଞାନ ପୃଷ୍ଠଭୂମି ନେଇ ଅନେକ ଆଲୋଚନା ହୋଇଥାଏ । ଏ ବ୍ରହ୍ମାଣ୍ଡର ଯେଉଁ ସ୍ଥାନରେ ଯେଉ ନା କାହିଁକି ଦୀପଟିଏ ଜଳାଇବା ଦ୍ୱାରା ପଂଚତତ୍ୱ ଅର୍ଥାତ୍ ଜଳ, ଅଗ୍ନୀ, ପୃଥ୍ୱୀବୀ, ବାୟୁ ଓ ଆକାଶ ଏ ସବୁ ଭିତରେ ଏକ ନୂତନ ପ୍ରକାର ସଂରଚନା ତେବେନା ତିଆରି କରିଥାଏ । ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ବାୟୁମଣ୍ଡଳର ଶୋଧନ ହୋଇଥାଏ ଏହା ଆମ ମାନଙ୍କର ମାନସିକ ଚାପକୁ ଦୂରୀଭୂତ କରିବାରେ ସହାୟକ ହୋଇଥାଏ । ଦୀପ ପ୍ରଜ୍ୱଳନ ଦ୍ୱାରା ଛୋଟ ଛୋଟ ଷଡିରାଜକ ଜୀବାଣୁର ନାଶ ହୋଇଥାଏ ଏବଂ ଏହାଦ୍ୱାରା ବିଶୁଦ୍ଧ ଓ ମୁକ୍ତ ପ୍ରବାହିତ ବାୟୁ ସମଗ୍ର ବାତାବରଣକୁ ମୁଗ୍ଧକର କରିଥାଏ । ଅନେକ ସେମାନଙ୍କର ନିତିଦିନିଆ ଜୀବନରେ ଧ୍ୟାନ କରିବା ସମୟରେ ସେମାନଙ୍କର ବିଚଳିତ ବଳଚଂଚଳ ବିଶିସ୍ତ୍ର ମନକୁ ଗୋଟିଏ ଦିଗକୁ ଟାଣି ନେଇ ଏକ ଜୈବିକର ଶିକ୍ଷା ଦେଇଥାଏ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ବାୟୁମଣ୍ଡଳରେ ବିଦ୍ୟୁତ୍ଚୁମ୍ବକୀୟାନୁତ୍ତ ଆୟନ କ୍ଷୟ ହୁଏ ଓ ଯୁକ୍ତାତ୍ମକ ଆୟନ ସୃଷ୍ଟି ହୁଏ ଯାହା ଶକ୍ତି ପ୍ରବାହର କାରଣ । ଅନେକ ହୁଏତ ଜାଣି ନଥିବେ ଏହି ଛୋଟିଆ ଦୀପଶିଖା ଆମ ମାନଙ୍କର ମସ୍ତିଷ୍କରେ ଆଲଫା ତରଙ୍ଗ ସୃଷ୍ଟି କରିଥାଏ ଏହା ଶରୀରରେ ସ୍ୱାୟବିଦ୍ଧ ତରଙ୍ଗ ସୃଷ୍ଟି କରିଥାଏ ଯାହାଦ୍ୱାରା ଫୋକୁସିଂରେ ଦୃଷ୍ଟିଜୀୟ ଦନ ସଶକ୍ତ ହୋଇଥାଏ । ଏହା ଶରୀର ବିଜ୍ଞାନ କ୍ଷେତ୍ରରେ 'ପାରାସିମ୍ପାଥେଟିକ୍' ସ୍ନାୟୁ ପ୍ରଣାଳୀକୁ ଜେବନ ସୃଷ୍ଟି କରିନଥାଏ ବଂ ପରିଚାଳନା କରିଥାଏ । ଉର୍ଦ୍ଧୋପରି ପ୍ରଦୀପ ପ୍ରଜ୍ୱଳନ ଜେବନ ଆମ ଗୃହ ବା ବାୟୁମଣ୍ଡଳ ନୁହଁ ଶରୀରରେ ଶାନ୍ତ ଓ ଆନନ୍ଦମୟ ବାତାବରଣ ସୃଷ୍ଟି କରିଥାଏ ।

ପୂର୍ବତନ ସଂପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, ଜଜାବିକାର ଜେହୁ ମାର୍ଗ, ଜଟକ,
ଦୂରଭାଷ : ୭୦୦୮୧୮୧୮୨୦

ବାଦାମଭଜାର ବାସ୍ନାରେ ହଜିଲା ପିଲାଦିନ

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

କେତେକ ସୃତି ଅଛି, ଯାହାକୁ ମନେ ପକାଇବା ପାଇଁ କୌଣସି ତାରିଖ ବରଜାର ପଡ଼େ ନାହିଁ, କୌଣସି ପଂଚାଂ ବରଜାର ପଡ଼େ ନାହିଁ । ସେମାନେ ଆପେଆପେ ମନ ଭିତରେ ଡେଇଁ ଉଠନ୍ତି—କେବେ ଗୋଟିଏ ବାସ୍ତାରେ, କେବେ ଗୋଟିଏ ଶବ୍ଦରେ, ଆଉ କେବେ ଦୂରର ରାସି ଆସୁଥିବା ଜଣେ ବିନ୍ଦା ବିକାନିର ବାଜରେ । ପିଲାଦିନର ସେଇ ସମୟ ସବୁ ମଧ୍ୟ ଠିକ୍ ସେମିତି । ଆଜି ଜୀବନର ଦୌଡ଼ ଭିତରେ ଅନେକ କିଛି ବତରିଯାଇଛି, କିନ୍ତୁ କେତେ କେତେ ମନେହୁଏ, ଦୂର କେଉଁ ଗାଁ ରାସ୍ତାରୁ ହଠାତ୍ ଭାସି ଆସୁଛି - "ବାଦାମଜା ... ବାଦାମଭଜା ..." । ଆଉ ସେଇ ଡାକ ସାଙ୍ଗେ ସାଙ୍ଗେ ଆଖରେ ଭାସିଉଠେ ଆମ ପିଆଜିନ, ଗାଁର ମେଳା, ମୋଇଣ ପଡ଼ିଆ ଓ ହାତରେ ମୁଠାଏ ବାଦାମଭଜା ।

ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ—ସେତେବେଳେ ଆମର ଖୁସି କେତେ ଛୋଟ ଥିଲା, ଆଉ ସେଇ ଛୋଟ ଖୁସିଗୁଡ଼ିକ କେତେ ବଡ଼ ଥିଲା ! ଗୋଟିଏ ମେଳା, କିଛି ଖୁଚୁରା ପସରା, ଗୋଟିଏ ପୁରୀ ବାଦାମଭଜା ଓ ସାଙ୍ଗମାନଙ୍କର ଗୋଟିଏ ଦଳ - ଏତିକିରେ ହିଁ ପିଲାଦିନ ଗୋଟିଏ ଉତବ ପାଲଟି ଯାଉଥିଲା । ଆଜି ଆମ ପାଖରେ ଅନେକ କିଛି ଅଛି, କିନ୍ତୁ ସେଇ ଛୋଟ ଛୋଟ ଖୁସିର ଆକାରଟି କାହିଁକି ଆଉ ଦେ



ଆରମ୍ଭ

SEITHO ARAMBHA

ଗୁରୁବାର ୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫



ସ୍କୁଲ ଚାଉଳ ଚୋରି ସନ୍ଦେହରେ ଗେଟ ତାଲା ପକେଇଲେ ଗ୍ରାମବାସୀ



ଜି.ଉଦୟଗିରି, ୦୪/୧୧ (ଆ.ପ୍ର) : ଛତ୍ରମାନ ଜିଲ୍ଲା ଜି.ଉଦୟଗିରି ବ୍ଲକ ଜିରାମାହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏମଡିଏମ ଚାଉଳ ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ନେଇଥିବା ବେଳେ ଚୋରା ସନ୍ଦେହରେ ଗ୍ରାମବାସୀ ଅଟକ ରଖି ଗେଟ ତାଲା ପକେଇବା ଘଟଣା ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ କିଛି ଦିନ ପୂର୍ବରୁ ଏଠାରୁ ଅନ୍ୟତ୍ର ବଦଳି ହୋଇ ଯାଇଥିବା ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଲଳିତା ଦିଗାଲ ବୁଧବାର ସ୍କୁଲ ଆସି ଏକ ଅଟୋ ସାହାର୍ଯ୍ୟରେ ୧୧ ବସ୍ତା ଏମଡିଏମ ଚାଉଳ ସ୍କୁଲ ରୁ ନେଇଯାଉଥିବା ବେଳେ ଗ୍ରାମବାସୀ ଚାଉଳ ଗାଡ଼ି ଅଟକେଇ ସ୍କୁଲ ଭଡା ଭିତରେ ରଖି ମୁଖ୍ୟ ଗେଟ ତାଲା ପଡାଇଥିଲେ । ଏନେଇ ପୂର୍ବ ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି ଏହି ଚାଉଳ ଅନ୍ୟ ସ୍କୁଲର ଯାହା ଜିରାମାହା ସ୍କୁଲରେ ପ୍ରାୟ ଅଗଷ୍ଟ ମାସରୁ ରହିଯାଇଥିଲା ଯାହାକୁ ମୁଁ ବ୍ଲକ ଏମଡିଏମ ଦାୟିତ୍ୱରେ ଥିବା ଏଡିଇଓ ନିବେଦିତ ପ୍ରଧାନଙ୍କ ନିର୍ଦ୍ଦେଶରେ ନେଇଛି ଯାଉଥିଲେ । ଦାୟିତ୍ୱରେ ଥିବା ଏଡିଇଓ ଛୁଟିରେ ଥିବା ବେଳେ ତାଙ୍କ ସହଜୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କରିବା ପରେ ଏଡିଇଓ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେହି ଚାଉଳ ଅନ୍ୟ ସ୍କୁଲ ର ଗାଡ଼ି ଅସୁବିଧା ଯୋଗୁଁ ଜିରାମାହା ସ୍କୁଲରେ ରହିଯାଇଥିଲା । କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ ଏତେମାସ ହେଲା ଅନ୍ୟ ସ୍କୁଲ ଚାଉଳ ଆମ ଗାଁ ସ୍କୁଲରେ କଣପାଇଁ ରଖାଯାଇଥିଲା ଯଦି ବି ରଖାଯାଇଥିଲା ତ ସେହି ସ୍କୁଲ ପିଲାଙ୍କୁ କଣ ଖାଇବାକୁ ଦିଆଯାଇଥିଲା । ଏଠି ଚାଉଳ ରଖିବା ନେଇ କୌଣସି ଜାଗାଜପତ୍ର ବା ଷ୍ଟକ ରେଜିଷ୍ଟର ଅଛି କି ? ଏ ନେଇ ବର୍ତ୍ତମାନ ର ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜିତା ନାୟକ କହିଛେ ମୁଁ ଆଜି ଏମଡିଏମ ଚାଉଳ ଚାର୍ଜ ନେଇଛି ସ୍କୁଲ ରେକର୍ଡ଼ ଅନୁସାରେ ଯେତିକି ଚାଉଳ ରହିବା ଆବଶ୍ୟକ ମୁଁ ସେତିକି ପରିମାଣର ଚାଉଳର ଚାର୍ଜ ନେଇଛି । ଏଇ ୧୧ ବସ୍ତା ଚାଉଳ କି ଚାଉଳ, କାହା ଚାଉଳ କେଉଁଠି ଯାଉଥିଲା ସେ ବିଷୟରେ ମୋତେ କିଛି ଜଣା ନାହିଁ ସ୍କୁଲ ପାଇଁ ଅବଶ୍ୟକ ଚାଉଳ ମୋତେ ହସ୍ତାନ୍ତର ହୋଇ ନଥିବାରୁ ଏ ବିଷୟରେ ମୁଁ କିଛି କହିପାରିବି ନାହିଁ ବୋଲି ଅଟକ ରଖିଛନ୍ତି । ସ୍କୁଲ କମିଟି ସଭାପତି ଜେଷ୍ଠ ପ୍ରଧାନ ଏବଂ ଗ୍ରାମବାସୀଙ୍କ ତରଫରୁ ଏନେଇ ପୋଲିସ ଥାନାରେ ଏହ ଲିଖିତ ଏତଲା ଦିଆଯାଇଥିବା ବେଳେ ପୋଲିସ ଘଟଣା ସ୍ଥଳରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଚାଉଳ ଜବତ କରିଛି । ଖବର ପାଇ ଘଟଣା ସ୍ଥଳରେ ଏଡିଇଓ ପ୍ରଫୁଲ୍ଲ ସାହୁ ସିଆରସିସି ରଶ୍ମିତା ମହାରଣା ପହଁଚି ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଚାଉଳ ଚୋରା ଘଟଣା ତଦନ୍ତରେ ଉପସ୍ଥିତ ଅଧିକାରୀଙ୍କୁ ଅତଗାତ କରାଯିବା ସହ ସବିଶେଷ ତଦନ୍ତ କରାଯିବ ବୋଲି କହିଛନ୍ତି । ଦାୟିତ୍ୱରେ ଥିବା ଡିଇଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ ରିସିଭ କରିନଥିଲେ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ କହିଛନ୍ତି ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ କରାଯିବ ଦୋଷ ପ୍ରମାଣିତ ହେଲେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୁରଭି ମଂଚରେ ଉଜ୍ଜ୍ୱଳ ହେଲା ଶିଶୁ ପ୍ରତିଭା, ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହେଲେ କୃତୀ ଛାତ୍ରଛାତ୍ରୀ



କୋରାପୁଟ, ୦୪/୧୧ (ଆ.ପ୍ର) : ପ୍ରାଳୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କୋରାପୁଟ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ୧୬ଟି କୁଷ୍ଠର ରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ବନ୍ଧୁତା, ବିତର୍କ, ସଙ୍ଗୀତ, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା, ଶିଳ୍ପକଳା, କୁଇଜ୍ ଆଦି ପ୍ରତିଯୋଗିତାକୁ କନିଷ୍ଠ, ବରିଷ୍ଠ, ଚ ମାଧ୍ୟମିକ ବରିଷ୍ଠ ଏବଂ ବିଦ୍ୟାର୍ଥୀ ବିଭାଗ ରେ ଆୟୋଜନ କରାଯାଇଥିଲା । ପ୍ରତି ବର୍ଗ ଏବଂ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଚଳିତ ମାସ ସାତ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ସୂଚନା ମିଳିଛି । ମଞ୍ଚକ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ଆଂଚଳିକ ନିର୍ଦ୍ଦେଶକ ଡ ଇତିକା ମିଶ୍ର ଯୋର ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷୟତ୍ରୀ ମୀନା ସ୍ୱାଇଁ, ରାଜେନ୍ଦ୍ର ଗାଖା, ବାଣୀ ବିଦେହୀ ଯୋର ଦେଇଥିବେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜଲୁଣାଳର ଲୁଏ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିବାରେ ଭାଗପ୍ରାପ୍ତ ଏଡିଇଓ ସଂଯୁକ୍ତା ଜେନ୍ଧ, ପ୍ରଧାନ ଶିକ୍ଷକ ରଶ୍ମି ରଂଜନ ସେଠୀ, ଶିବ ଶଙ୍କର ପଟ୍ଟନାୟକ, ବିଜୟ ସାହୁ, ନଗେନ୍ଦ୍ର ଜେନା, କାନୁ ଛୋଟରାୟ, ରବି ମିଶ୍ର, ଦଣ୍ଡନ ଲେଙ୍କା, ପ୍ରଦୀପ ପାତ୍ର, ହର ମିଶ୍ର, ସୁବୋଧ ମାଝୀ, ଡିଲୋକେଶ ପଞ୍ଚା ଏବଂ ଶିକ୍ଷକ ସୁଦିପ୍ତ ଜେନା, ଗଜନି ବହୁବେଖର, ମନୋଜ ଦାସ ସକ୍ରିୟତା କରିଥିଲେ । ମାନ୍ଦଘାର ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ଜଣାପଡ଼ିଛି । ବିଜୟ ରଥ ଓ ସୌମ୍ୟକାନ୍ତ ରାଉତରାୟ ମଂଚ ପରିଚାଳନା କରିଥିଲେ ।

ନିର୍ବାଚନ ପୂର୍ବରୁ କୋଟିଆରେ ସୁରକ୍ଷା ଛାଉଣି, ୯ ମାଜିଷ୍ଟ୍ରେଟ୍ ନିୟୋଜିତ



କୋରାପୁଟ, ୦୪/୧୧ (ଆ.ପ୍ର) : କୋଟିଆ ଗ୍ରାମପଞ୍ଚାୟତରେ ଆସନ୍ତା ୫ ତାରିଖ ଦିନ ଅଳ୍ପ ପ୍ରସ୍ତର ସମିତି ଓ ଜିଲ୍ଲା ପରିଷଦ ନିର୍ବାଚନ ଥିବାରୁ କୋରାପୁଟ ପ୍ରଶାସନ ପକ୍ଷରୁ ୯ ଏଜୁକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ କରାଯାଇଛି । ପାଟୁସେନେରା, ନେଗେଡିଗାଇଥା ଏବଂ ଚଲସେମି ଫାଡ଼ା ପାଖରେ ୩ ଦିନ ପାର୍ଟି ୩ ଜଣ ଓଏଏସ ଏବଂ ୬ ଜଣ ଓଆଇଏସ ଅଧିକାରୀଙ୍କୁ ଏଜୁକ୍ୟୁଟିଭ ମାଜିଷ୍ଟେଟ ଭାବେ ନିୟୋଜିତ କରାଯାଇଛି । ଅଧିକାରୀ ମାନେ ସଂପୃକ୍ତ ଫାଡ଼ାକରେ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ଡାଖଲ ବୃଷ୍ଟି ହେବ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ କରିବେ ବୋଲି ଜଣାପଡ଼ିଛି । କୋଟିଆ ଅଂଚଳରେ ବୃଷ୍ଟି ହେଉଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ବୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମୋଟ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୂତୟନ କରାଯାଇଛି । ଏଥିସହ ୪ ଜଣ ଡିଏସ୍ପି, ୧୦ ଜଣ ଇନ୍‌ସପେକ୍ଟର ଏବଂ ୨୦ ଜଣ ଏସ୍‌ଆଇ/ଏଏସ୍‌ଆଇ‌ଙ୍କୁ ନିୟୋଜିତ କରାଯାଇଛି । ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ବରିଷ୍ଠ ପୋଲିସ ଅଧିକାରୀମାନେ ତଦାରଖ କରିବେ । ଲୋଡରମାନଙ୍କୁ କେହି ଯେପରି ପ୍ରରୋଚିତ କିମ୍ବା ଉତ୍ତେଜିତ ନ କରିପାରିବେ, ସେଥିପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସମ୍ପୂର୍ଣ୍ଣ ସତର୍କ ଅଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଧାରା ୧୬୩ ଲାଗୁ କରାଯାଇଛି । ବୃଶ୍ଚମୂଳ ସ୍ତରରେ ଶାନ୍ତି ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ଏବଂ ମାଜିଷ୍ଟ୍ରେଟ୍ ମୂତୟନ ହୋଇଛନ୍ତି । ତତ୍ପଲିକାତାରୁ ଆରମ୍ଭ କରି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପାର୍ଯ୍ୟାର ବରିଷ୍ଠ ଅଧିକାରୀମାନେ ୨୪ ଘଂଟା ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହା ସହିତ ସମସ୍ତ ସାଜଣ୍ଟନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଛି ଏବଂ ସେମାନେ ମଧ୍ୟ ଗ୍ରାଉଣ୍ଡ ଜିରୋରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି । ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ରହିଛି ବୋଲି କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ମଣ୍ଡଳ ରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬



ଚିଲିକା ବାଣପୁର, ୦୪/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ପିପଲ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାଣପୁର-୨ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ମହାନ୍ତିଆ, ବାଣପୁର ଏନଏସି ଅଧକ୍ଷ ମିଟୁ ନାୟକ, ବିଦ୍ୟାଳୟ ଶିକ୍ଷା ସେତୁ ସରାପତି ଡ଼ଃ. ଚିନ୍ତାମଣି ମିଶ୍ର ବିଡିଓ, ସିଡିପିଓ, ଗୋଷ୍ଠି ଶିକ୍ଷା ଅଧିକାରୀ ଜଗାତନ ଜାଲି ଓ ବିଆର୍ ସିସି, ୧୨ ଜଣ ସିଆରସିସି ସମେତ ୪୦୦ରୁ ଅଧିକଛାତ୍ର-ଛାତ୍ରୀ ଏହି ଶିଶୁ ମହୋତ୍ସବରେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ବିଜୟୀଙ୍କୁ ଜଣେ ଜଣେ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ବିଜୟୀଙ୍କୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପରିଶେଷରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମଟିକୁ ସହଯୋଗ କରି ସଭସ ସୁରେ କରିଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିବା ସମସ୍ତ ଅତିଥି ଏବଂ ଅଭିଭାବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧାନ ଚାଷ ସହ ମାଛ ଚାଷ ପାଇଁ ସଚେତନତା କାର୍ଯ୍ୟକ୍ରମ



ଉଦାନାପାଟଣା, ୦୪/୧୧ (ଆ.ପ୍ର) : ରାଜ୍ୟର ମଧ୍ୟ ଉତ୍ପାଦନ ବୃଦ୍ଧି, କୃଷକମାନଙ୍କ ଆୟ ବୃଦ୍ଧି ସହିତ ଜମି ଓ ଜଳସମ୍ପଦର ସର୍ବୋତମ ଉପଯୋଗ ଲକ୍ଷ୍ୟରେ ଧାନ ଚାଷ ସହ ମାଛ ଚାଷ ପଦ୍ଧତିର ପ୍ରଚାର ଓ ପ୍ରସାର ନିମନ୍ତେ ଆଜି ଜଳାଦାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବେନ୍ତୁନିଙ୍ଗୁଟି ଗ୍ରାମାରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜୁନାଗଡ଼, ଜୟପାଟଣା, କୋକସରା ଓ କଳମପୁର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମାନେ ଏବଂ ଜୁନାଗଡ଼ ବ୍ଲକ କୃଷି ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଧାନ ଚାଷ ସହ ମାଛ ଚାଷର ଉପାଦେୟତା, ବୈଜ୍ଞାନିକ ପଦ୍ଧତିରେ ଏହାର ପରିଚାଳନା, ଜଳର ଗୁଣିନିଯୋଗ ଏବଂ ଚାଷୀଙ୍କ ଅତିରିକ୍ତ ଆୟ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଜଳକରର ବୈଜ୍ଞାନିକମାନେ ଧାନ ଜମିର ଉପଯୁକ୍ତ ପ୍ରସ୍ତୁତି, ଜଳ ପରିଚାଳନା ଓ ଧାନ ଫସଲ ସହିତ ମାଛ ଚାଷର ବୈଷୟିକ ଦିଗ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ । ସେହିପରି ବିଶେଷଜ୍ଞମାନେ ଜନ୍ତୁତ ମାଛ ଚାଷ ପ୍ରଣାଳୀ, ମାଛ ଯାଆଁଳା ଛାଡ଼ିବା, ଖାଦ୍ୟ ପରିଚାଳନା ଓ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ସମ୍ମିଳିତ ଚାଷ ପ୍ରଣାଳୀ ଦ୍ୱାରା ଘୋଟେଏ ଜମିରୁ ଧାନ ସହିତ ମାଛ ଉତ୍ପାଦନ କରି ଚାଷୀମାନେ ଅଧିକ ଆର୍ଥିକ ଲାଭ ପାଇପାରିବେ । ଏଥିସହିତ ଗ୍ରାମାଂଚଳରେ ପୁଷ୍ଟିକର ଖାଦ୍ୟ ଜଯୋଗାଡ଼ ଓ ଜୀବିକାର ସୁଯୋଗ ବୃଦ୍ଧି ପାଇବ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ କୃଷି ବିଭାଗର ଅଧିକାରୀମାନେ ଏହି ନୂତନ ଚାଷ ପଦ୍ଧତିକୁ ଆପଣାଇବା ପାଇଁ ଚାଷୀମାନଙ୍କୁ ଆହ୍ୱାନ ଦେବା ସହ ଆବଶ୍ୟକ ବୈଷୟିକ ସହଯୋଗ ଓ ମାର୍ଗଦର୍ଶନ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଜଳକ ଓ ଜଡ଼ୁକ୍ଷୟରସଷ୍ଟର ମିଳିତ ପ୍ରୟାସରେ ଧାନ ସହ ମାଛ ଚାଷକୁ ଜିଲ୍ଲାରେ ଲୋକପ୍ରିୟ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ସିନାପାଲିରେ ୩୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ



ସିନାପାଲି, ୦୪/୧୧ (ଆ.ପ୍ର) : ମୁଖାଡ଼ା ଜିଲ୍ଲା ସିନାପାଲି ଅଂଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ରଖା ମଦ ଜବତ କରାଯାଇଛି । ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ସିନାପାଲି ଥାନା ଅନ୍ତର୍ଗତ ଘୁଟାଗୁଡ଼ା ପୋଷ ଅଧୀନ ଖଇରପଦର ଗ୍ରାମର ବୁଦେଶ୍ୱର ମାଝୀଙ୍କ ଘର ପଛପଟେ ବେଆଇନ ଭାବେ ଦେଶୀ ମଦ ରଖାଯାଇଥିବା ଖବର ପାଇ ଅବକାରୀ ବିଭାଗର ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ୩୦ ଲିଟର ଦେଶୀ ମଦ ଜବତ ହୋଇଥିଲା । ଏନେଇ ଅବକାରୀ ମାମଲା ନଂ ୨୬୪/୨୦୨୬-୨୬ ରୁଜୁ କରାଯାଇ ଅଭିଯୁକ୍ତ ବୁଦେଶ୍ୱର ମାଝୀଙ୍କୁ ୪ ନଭେମ୍ବର ୨୦୨୬ ଦିନ ପ୍ରାୟ ୧୧ଟା ୪୫ ମିନିଟ୍‌ରେ ଗିରଫ କରାଯାଇଥିଲା । ପରେ ତାଙ୍କୁ ସିନାପାଲି ଜେଏମ୍‌ଏଫ୍‌ସି ଅଦାଲତରେ ଥାଜର କରାଯିବା ପରେ ଖଡ଼ିଆଳ ଜେଲକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ସିଂ ଧରୁଆ,ବିଜୟାନନ୍ଦ ସୋରି, ଚନ୍ଦ୍ରକଳା ଜଗତ, ପ୍ରଧାନ ଶିକ୍ଷକ ଶରତ କୁମାର ମାଝୀ, କାନନ କିଶୋର ଲୋକ, ଶିକ୍ଷକ ପଦୁଲୋଚନ ସାହୁ, ରମେଶ ବିଶ୍ୱାକ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ସୌଗୀ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ସିଆରସିସି ରେଶ୍ମୁଧର ପୂଜାରୀ, ଲୁହେଣ୍ଡ ସାହୁ, ଡିଙ୍ଗିର ସିଂ ଜଗତ, କୃପାସିନ୍ଧୁ ନାୟକ, ଚିତ୍ରୋତନ ନାୟକ, ଲକ୍ଷ୍ମୀଧର ସୁନା, ଭାମତହ ଧରୁଆ, ମାନସ ମଲ୍ଲିକ, ବିପ୍ଳବ ବିଶ୍ୱାସ ପ୍ରମୁଖ ସହଯୋଗ କରିଥିଲେ ।

ସୋଲିଡାରୀଟି ସଂଗଠନ ତରଫରୁ ଅପହଂଚ ଇଲାକାରେ ରିଲିଫ ବଂଟନ



ପାଡ଼ୁପୁର, ୦୪/୧୧ (ଆ.ପ୍ର) : ସଲିଡାରିଟି ସ୍ପେକ୍ଟାସେତା ଅନୁସନ୍ଧାନ ଦ୍ୱାରା ଗଞ୍ଜାମ ଜିଲ୍ଲାର ପାଡ଼ୁପୁର ବ୍ଲକ ସ୍ଥିତ ଆଳୁକି ପଂଚାୟତର ଲାରସାହି, ଲୁହାପିଙ୍ଗି,ଏଲାଗଡ ଓ ଲୁହାଗୁଡି ଆଦି ଚାରୋଟି ଗ୍ରାମର ଶହେ ପରିବାରକୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଆଦିବାସୀ ଗାଁ ଲାଗସାହି ଓ ଡାକବାସାହି ଆଶ୍ରୟସ୍ଥଳରେ ଦୁଇଟି ପର୍ଯ୍ୟାୟରେ ଏହି ରିଲିଫ ବଂଟନ ହୋଇଥିଲା । ପାଡ଼ୁପୁର ବିଡିଓ ଲକ୍ଷ୍ମୀ ଚରଣ ସୋରେନ, ଓଏସଡ଼ି ବିଡଜ୍ଞାନ ଦାସ, ଲଳିତା ପ୍ରଧାନ ଓ ଅନୁଷ୍ଠାନର କର୍ମକର୍ତ୍ତା ଓ ପ୍ରାଳୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ରିଲିଫ୍ ବଂଟନ କାର୍ଯ୍ୟ କରାଯାଇଥିଲା । ଶୁଖିଲା ଖାଦ୍ୟ ଚାଉଳ, ଡାଲି, ତୁନ୍ଦା, ସୋୟାବଡ଼ି, ଗୁଡ଼, ମହମଦତା, ବିସ୍କୁଟ ଓ ଲୁଣ ଆଦି ସାମଗ୍ରୀ ବଂଟନ କରାଗଲା । ପାଡ଼ୁପୁର ବ୍ଲକ ଆଳୁକି ଗ୍ରାମପଂଚାୟତ ଲୁହାସିଙ୍ଗ ଗ୍ରାମରେ ୫୩ଟି ଫ୍ୟାମେଟ୍ ଓ ଡା' ଡକାସାହି ଗ୍ରାମରେ ୪୭ଟି ଫ୍ୟାମେଟ୍ - ମୋଟ ୧୦୦ଟି ଫ୍ୟାମେଟ୍ ବଂଟନ କରାଗଲା ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ବଦାନ୍ତି, ୦୪/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ବଦାନ୍ତି ସବର ସ୍ଥିତ ସରକାରୀ ପାନାବେଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠି ଶିକ୍ଷା ଅଧିକାରୀ ଉମର ସିଂ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ବାସୁଦେବ ଗୌଡ଼, ବିଡ଼ିଓ ଦୈତୁରୀ ଗଣ୍ଡ, ସଂପଦ ପ୍ରତିନିଧି ପ୍ରକାଶ ପାଣି, ବିଧାୟକ ପ୍ରତିନିଧି ପ୍ରତାପ ବାଗ, ଚନ୍ଦସିନ୍ଦାର ସରପଂଚ ବୁଦୁରା, ସମାଜସେବୀ ଗୋବିନ୍ଦ ଚେନ, ଅଳାକୁ ଜାଲି ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକାୟିତ ପ୍ରତିଭା



ଆରମ୍ଭ
SEITHO ARAMBHA

ଗୁରୁବାର ୫ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬



ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଓ ଅଭିଭାବକ ହେଉଛନ୍ତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଦିଗରେ ଅଭିପ୍ରେରଣା



ବଣାଇଁ, ୦୪/୧୧ (ଆ.ପ୍ର) : ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ପଂଚାୟତ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କର ଦୈଠକ ସଭାପତି ଅଭିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଦ୍ୟାଳୟର ଉନ୍ନତି, ପିଲା ମାନଙ୍କର ଉପସ୍ଥିତି ବୃଦ୍ଧିରେ ରଖି ପାଠ ପଢି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକାକୁ ନେଇ ପ୍ରତି ଉପବିଭାଗ ଦର୍ଶନ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା । ଏହି ବିଦ୍ୟାଳୟ ଦିଗତ ଦିନରେ ଶତ ପ୍ରତିଶତ ପାସ ହାର ତଥିଥିବାକୁ ଆଗାମୀ ଦିନରେ ଆଉ କେମିତି ପିଲାମାନେ ଏ-୧ ରେ ଉତ୍ତିର୍ଣ୍ଣ ହୋଇ ପାରିବେ ସେ ଦିଗରେ ପଦକ୍ଷେପ ନିମିତ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ବୈଠକରେ ସମସ୍ତ ଅଭିଭାବକ ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ସକରାତ୍ମକ ଚିନ୍ତା ପ୍ରକଟ କରିଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟ ଟି ୧୯୯୮ରେ ଅବସ୍ତୁପିତ ହୋଇଥିବା ବେଳେ ଚଳିତ ବର୍ଷ ମୋଟ ୭୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସରକାର '୫ଟି ସ୍କୁଲ ରୂପାନ୍ତରଣ' ଓ ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନା ମାଧ୍ୟମରେ ଗ୍ରାମାଂଚଳ ଶିକ୍ଷାର ଗିତିଭୂମି ବଦଳାଉଛନ୍ତି, ତଥାପି ଏହି ବୁନ୍ଦାଗ୍ଟ ସ୍କୁଲରେ ଏବେ ବି ସ୍ୱାୟୀ ପାଚେରୀ, ଖେଳପଡ଼ିଆ ଏବଂ ସଂପୃକ୍ତ ସ୍ମାର୍ଟ କ୍ଲାସରୁମ୍ ଭଳି ଆଧୁନିକ ଗିତିଭୂମିର ଆବଶ୍ୟକତା ରହିଥିବା ଅସୁବିଧା ସୁଚିକ ସରକାର ପୂରଣ କରିବାକୁ ଅନୁରୋଧ କରିଥିଲେ । ଏହି ବିଦ୍ୟାଳୟ ପ୍ରତି ଅନୁଦାନ ଓ ଗିତିଭୂମିର ସମସ୍ୟା ନେଇ ସମୟୟ ସମୟରେ ଦାବି ଉପସ୍ଥାପନ କରାଯାଉଥିବାରୁ ମଧ୍ୟ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ସହାୟତା ମିଳିପାରୁନାହିଁ । ବିଶେଷ କରି ଆଜି ପର୍ଯ୍ୟନ୍ତ ସ୍କୁଲରେ ଶ୍ରେଣୀଗୃହ, ରୋଷେଇଘର, ପାଠାଗାର, ଶୌଚାଳୟ ଏବଂ ପାନୀୟ ଜଳ, ସାଇନ୍ସଲେ ଷ୍ଟାଣ୍ଡ ଆଦିର ବ୍ୟବସ୍ଥା କରାଯାଇପାରିନାହିଁ । ଏଥିପାଇଁ ସରକାର ଏହି ସ୍କୁଲ ପ୍ରତି ଦୃଷ୍ଟି ଦେଇ ଏଠାରେ ପଢୁଥିବା ଛାତ୍ରଛାତ୍ରୀ ନିର୍ଦ୍ଦିଷ୍ଟ ଭାବେ ଉପକୃତ ହୋଇପାରିବେ ତୋଇି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅଳ୍ପମାନଙ୍କ ମଧ୍ୟରେ ସଭା ସଭାପତି ଅଭିରାମ ମାଝୀ, ନାଳମଣି ମାଝୀ, ଜଗନ୍ନାଥ ପାତ୍ର, ମୁନି ଓଗାର, ଚନ୍ଦ୍ରାକର ସାହୁ, ରାମଚନ୍ଦ୍ର ପ୍ରଧାନ, ଜଗନ୍ନାଥ ଗୌଡ଼ା, ଲକ୍ଷ୍ମୀ ପ୍ରଧାନ, କୁନ୍ତି ପାତ୍ର, ଶିକ୍ଷୟିତ୍ରୀ ପୁଲାଣି ପାତ୍ର, ଗୋଳାଳିନ ବେହେରା, ମନ୍ଦାକିନୀ ପ୍ରଧାନ, ଶକୁନ୍ତଳା ମାଝୀନ୍ତ , ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଧନେଶ୍ୱର ମାଝୀନ୍ତ, ସଂଜିତ କୁମାର ପଣ୍ଡା, ଗୁମା ଖେଖର ପୃଣି, ବିଜୁମା ଲେଖାରା ପ୍ରଧାନ, ଅରୁଣା କୁମାର ପ୍ରଧାନ, ତନୁଜ୍ୟା ପାତ୍ର, ରଶ୍ମି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ବାତ୍ୟା 'ଅର୍ଣ୍ଣବ' ଜନିତ କ୍ଷୟକ୍ଷତି ଆକଳନ ପାଇଁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳର ଗଜପତି ଜିଲ୍ଲା ଗସ୍ତ



ପାରଳାଖେମୁଣ୍ଡି, ୦୪/୧୧ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ' ଏବଂ ଏହା ପରବର୍ତ୍ତୀ ବନ୍ୟା ଯୋଗୁଁ ଗଜପତି ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ୮ ଜଣିଆ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ଆଜି ଜିଲ୍ଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଦି ଶଙ୍କରଙ୍କ ନେତୃତ୍ୱରେ ଏହି ଦଳ ଜିଲ୍ଲା ପରିଦର୍ଶନ କରିଥିଲେ । ଦଳରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ଧାନ ବିକାଶ ପାରଦା ନିର୍ଦ୍ଦେଶକ ଡ.ମାନସ ସିଂ, କେନ୍ଦ୍ରୀୟ ଜଳ ବିଭାଗ, ଅର୍ଥ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ରାହୁଲ ଚୌଉସିଆ, ଜଳଶକ୍ତି ମନ୍ତ୍ରଣାଳୟ ସି ଡବୁ ସି ଭୁବନେଶ୍ୱର ନିର୍ଦ୍ଦେଶକ ବିକାଶ କୁମାର ଜେନା, ଶକ୍ତି ବିଭାଗ, ସିଏଏ ଅର.କେ ସୁତମା ନୂଆଦିଲ୍ଲୀ ଉପନିର୍ଦ୍ଦେଶକ କରଣ ସରେନ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅଧୀକ୍ଷଣ ଯନ୍ତ୍ରୀ ଭୁବନେଶ୍ୱର ସୁନୀଲ କୁମାର, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସଚିବ ନୂଆଦିଲ୍ଲୀ ଅଜୟ କୁମାର ସାହୁ ଏବଂ ଜାତୀୟ ସୁଦୂର ସମେଦନ କେନ୍ଦ୍ର, ଇସ୍ରୋର ବୈଜ୍ଞାନିକ ସି ସାଇ କ୍ରିଷ୍ଣା ଉପସ୍ଥିତ ଥିଲେ । ଏହି ଅବସରରେ ଇଡ୍‌ଜୋର ମୁଖ୍ୟ ଜେନେରାଲ ମ୍ୟାନେଜର ସତ୍ତୋଜ କୁମାର ସାହୁ, ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଦୁଦ୍ଦୁରୁ ବିଜୟ ଅମୃତ କୁଲାଙ୍ଗେ, ଜିଲ୍ଲାପାଳ ଅକ୍ଷୟ ସୁନାଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରସ୍ତୁତ ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଜିଲ୍ଲାପାଳ କେନ୍ଦ୍ରୀୟ ଦଳକୁ ବାତ୍ୟା ଜନିତ କ୍ଷୟକ୍ଷତି ଓ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ବାତ୍ୟା ଯୋଗୁଁ ଗଜପତି ଜିଲ୍ଲାର ୧୩୦ଟି ଗ୍ରାମପଂଚାୟତ ଅନ୍ତର୍ଗତ ୮୪୭ଟି ଖୁଣ୍ଟରେ ଗ୍ରାମ ପ୍ରରାବିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୪୬ଟି ସାମାନ୍ୟ ଭୂସ୍ଖଳନ ଚିହ୍ନଟ କରାଯାଇଥିବା ବେଳେ ୧୩ଟି ବିଭିନ୍ନ ସ୍ଥାନରେ ଛୋଟବଡ଼ ଭୂସ୍ଖଳନ ହୋଇଥିବା ଅବଗତ କରାଯାଇଥିଲା । ସେହିପରି ୧୨୩୨ଟି ଘର ଆଂଶିକ୍ ଭାବେ ପ୍ରରାବିତ ହୋଇଥିବା ସୂଚନା ଦିଆଯାଇଥିଲା । ବାତ୍ୟା ସମୟରେ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ୩୫,୦୧୪ ଜଣଙ୍କୁ ସୁରକ୍ଷିତ ଭାବେ ଅଶ୍ରୟ ଦିଆଯିବା ସହ ସେମାନଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଇଥିଲା । ଆଜିର ଗସ୍ତ ସମୟରେ କେନ୍ଦ୍ରୀୟ ଦଳ ଖୋଷାଣୀ, ରାୟପଡ଼ା, ଆର୍, ଉଦୟଗିରି ଓ ମୋହନା ବ୍ଲକ୍‌ର ବାତ୍ୟା ଏବଂ ବନ୍ୟା ପ୍ରରାବିତ ଅଂଚଳ ପରିଦର୍ଶନ କରି କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ । ବିଶେଷକରି କୃଷି, ଫସଲ, ବାଗିଚାଚାତ, ବିଦ୍ୟୁତ୍ ଭିତିଭୂମି , ଜଳସମ୍ପଦ ଓ ଅନ୍ୟାନ୍ୟ ଜରୁରୀ ସେବା କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ କେନ୍ଦ୍ରୀୟ ଦଳ ବାତ୍ୟା ଓ ବନ୍ୟା ପରବର୍ତ୍ତୀ ଉଦ୍ଧାର, ରିଲିଫ୍ ଓ ଅନୁଧ୍ୟାନ କାର୍ଯ୍ୟର ସମୀକ୍ଷା କରିଥିଲେ । ପ୍ରରାବିତ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଏବଂ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ । ଏହି ସମୟରେ ଆବଶ୍ୟକୀୟ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗ ଏକ ଟିମ୍ ଭାବେ ସମନ୍ୱୟର ସହ କାର୍ଯ୍ୟ କରିବା ସହ ଉଦ୍ଧାର, ରିଲିଫ୍ ଓ ଅନୁଧ୍ୟାନ କାର୍ଯ୍ୟକୁ ସଫଳତାର ସହ ସମାଦାନ କରିଥିବାରୁ କେନ୍ଦ୍ରୀୟ ଦଳ ଜିଲ୍ଲା ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ମାଝୀ ଓ ମୁନିନ୍ଦ୍ର ହୋନଙ୍ଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଉଦ୍ଯାମୟ ପାତ୍ର, ଉପବିଭାଗପାଳ ପାରଳାଖେମୁଣ୍ଡି ରାଜତତ ସାମଲ ଉଚ୍ଚାଦାର ରାଓ ସମେତ ସମସ୍ତ ଲାଞ୍ଚନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ୧୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୬ କାଂସ୍ୟ ପଦକ ହାସଲ



ବ୍ରହ୍ମପୁର, ୦୪/୧୧ (ଆ.ପ୍ର) : ଜଟଢୁସ୍ଥିତ ଜେଏନ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ଅକ୍ଟୋବର ୩୦ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଜାଜ୍ପୁର ଏକାଡେମୀ ଅଫ୍ ମାର୍ଶାଲ ଆର୍ଟସ୍ ଆଣ୍ଡ ସେଲ୍ଫ ଡିଫେନ୍ସର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଏକ ଗୌରବମୟ ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଜେଏଏମ୍‌ଏସ୍ ମୋଟ ୧୪ ଜଣ ଖେଳାଳି କୋଶ୍ୱରୁଗି, ଭଣ୍ଡିଜିଲୁଆଳ, ପୁମ୍‌ସେ ଓ ପେୟାର୍ ପୁମ୍‌ସେ ଆଦି ବିଭାଗରେ ଅଂଶଗ୍ରହଣ କରି ମୋଟ ୨୨ଟି ପଦକ ହାସଲ କରିଛନ୍ତି । ଏଥିରେ ୧୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ରହିଛି । କୋଶ୍ୱରୁଗି (ଫାଇଟିଂ) ବିଭାଗରେ ଖେଳାଳିମାନେ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୫ଟି କାଂସ୍ୟ ସମେତ ମୋଟ ୧୨ଟି ପଦକ ହାସଲ କରିଛନ୍ତି । ଆର୍ଯ୍ୟମାନ ପାଢ଼ୀ, ସୁରଞ୍ଜୀ ପଣ୍ଡା, ଆମ୍ବୁଜା ସାହତ, ନାରାୟଣ ପ୍ରଧାନ ଓ ଅର୍ମିକ ପାଢ଼ୀ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆର୍ ମାନ୍ୟଶ୍ରୀ ଓ ଶ୍ରୀତମ ପ୍ରଧାନ ରୌପ୍ୟ ପଦକ ହାସଲ କରିଛନ୍ତି । ଭଣ୍ଡିଜିଲୁଆଳ ପୁମ୍‌ସେ ବିଭାଗରେ ଦଳ ଆଉ ୮ଟି ପଦକ ନିଜ ଝାଡ଼ାକୁ ଯୋଡ଼ିଛି । ଏଥିରେ ଆର୍ଯ୍ୟମାନ ପାଢ଼ୀ ଓ ଆର୍ ମାନ୍ୟଶ୍ରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଜେଏମ୍‌ଏସ୍‌ର ମୁଖ୍ୟ ପ୍ରଶିକ୍ଷକ ଅଶିନା ପ୍ରସାଦ ବାଶୁକ ମାର୍ଗଦର୍ଶନ, ନିୟମିତ ପ୍ରଶିକ୍ଷଣ ଓ ବୈଷୟିକ ଦକ୍ଷତାର ଉପଯୋଗ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଖେଳାଳିମାନଙ୍କ ଏହି ଉତ୍ସେଖନୀୟ ସଫଳତା ଅନୁଷ୍ଠାନ ପାଇଁ ଗୌରବ ଆଣିବା ସହ ଆଗାମୀ ପ୍ରତିଯୋଗିତାଗୁଡ଼ିକ ପାଇଁ ନୂତନ ଉତ୍ସାହ ଓ ପ୍ରେରଣା ଯୋଗାଇଛି ।

ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ପାଇଁ ଆଗେଇ ଆସିଲେ ସମାଜସେବୀ



ପାରଳାଖେମୁଣ୍ଡି, ୦୪/୧୧ (ଆ.ପ୍ର) : ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ମାନବିକତା ତଥା ସାମାଜସେବାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଗ୍ରୁପୁର ସ୍ଥିତ ସେବାପ୍ରତିନିଧି ସଙ୍ଗଠନର ସକ୍ରିୟ ସାମାଜସେବୀ ତଥା ଗ୍ରୁପୁର ଗାରତୋଳ ଜନଗା ମୃତ ମୋଙ୍ଗର ସତ୍କାରପି ଟୁଟୁ ନାୟକ । ସୂତ୍ରନାୟୋଗ୍ୟ, ଆଜି ଯେତେବେଳେ ଗ୍ରୁପୁର ଅଂଚଳର ଜଣେ ଅତ୍ୟନ୍ତ ଗରିବ ଓ ଅସହାୟ ବୃଦ୍ଧା ମହିଳାଙ୍କ ଦେହାନ୍ତ ପରେ ଶେଷକୃତ୍ୟ ପାଇଁ ଆତ୍ମୀୟ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଡ଼ କରିବା ପାଇଁ ପରିବାର ପକ୍ଷରେ ଅସମ୍ଭବ ହୋଇପଡ଼ିଥିଲା ; ସେତେବେଳେ ଏହି ଦୁଃଖଦ ଖବର ପାଇବା ପରେ ଟୁଟୁ ନାୟକ ସୋସିଆଲ ମିଡିଆ ମାଧ୍ୟମରେ ସଦୃଦୟ ବ୍ୟକ୍ତିମାନଙ୍କୁ ଯଥାର୍ଥ ସହଯୋଗ ପାଇଁ ନିବେଦନ କରିଥିଲେ । ତାଙ୍କ ଆହ୍ୱାନରେ ଅନେକ ବ୍ୟକ୍ତି ଯଥା :- ଏସ. ରାମକୃଷ୍ଣ ଚେଟ୍ଟୀ , ସିଦ୍ଧାର୍ଥ ଅଗ୍ରୱାଲ, ରାଜକୁମାର ସାହୁ, ପ୍ରଭାତ ନାୟକ, ଗୋଶ୍ରୀ ବିଶ୍ୱାସୀ, ସିଦ୍ଧାର୍ଥ ରାଓ, ବୈଶ୍ୟାସୁନାନ, ପାପା ରାଓ ପ୍ରମୁଖ ଅତି କମ୍ ସମୟ ମଧ୍ୟରେ ନିଜ ସାମର୍ଥ୍ୟ ଅନୁସାରେ ଆର୍ଥିକ ସହଯୋଗର ହାତ ବଢ଼ାଇଥିଲେ । ସଂକଟ ଅତିକ୍ରମ ସଂସ୍କାର ପାଇଁ ଆବଶ୍ୟକ ସମସ୍ତ ଅର୍ଥ ସଂଗ୍ରହ କରାଯାକ ତାଙ୍କର ଅନ୍ତିମ ସଂସ୍କାର ଯଥାଯଥି ଭାବାଯାଇପାରିଥିଲା । ପ୍ରମୁଖ ଖବର ପ୍ରଚାରକ, କୃଷୀ ଜଣକ ବଜାରରେ ଶିକ୍ଷା ମାଗି ନିଜ ପରିବାର ଚଳାଉଥିବେ ଓ ଦାର୍ଘଦିନ ଧରି ଅସୁସ୍ଥ ଥିବାରୁ ସେ ଘରୁ ବାହାରି ପାରୁନଥିବେ । ସେହିପରି ତାଙ୍କ ପୁଅ ଶ୍ରମିକ ଭାବେ କାମ କରିବାକୁ ବାହାରକୁ ଯାଇଥିବାରୁ ଘରେ ପଂଚଁବାକୁ ତିନି ଦିନ ସମୟ ଲାଗିଥାର ଥିଲା । କିନ୍ତୁ ପରିତ୍ର କାର୍ତିକ ମାସରେ ଏହିଭଳି ଦୁଃଖଦ ପରିସ୍ଥିତିରେ ଅସହାୟ ପରିବାରକୁ ସହଯୋଗର ହାତ ବଢ଼ାଇ ସୁବଦର୍ଶ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଥିବାରୁ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି । ଆଜିର ଏହି ଉତ୍ସୋଜନୀୟ ସେବା ପାଇଁ ସେବା ପ୍ରତିନିଧିର ମୁଖ୍ୟ ବିଶିଷ୍ଟ ସମାଜସେବୀ ନାଳମଣି ମିଶ୍ର ଓ ଗଜପତି ଜିଲ୍ଲାର ଜିଲ୍ଲା ନ୍ୟାୟାଳୟରେ ପଦସ୍ତ ଆଇନ୍‌ଜୀବୀ ପଦ୍ମିନୀ ମିଶ୍ର ଓ ଗଜପତି ଜିଲ୍ଲାର ଜିଲ୍ଲା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତରେ ଏହିପରି ଭଲ କାମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି ।

କାଗଜ କଲମରେ ଚାଲୁଛି ସିଂହାସନ ହୋଟେଲ

ଠିପି ଖୋଲା ମଦ ଦୋକାନ ପାଇଁ ବିଜ୍ଞପ୍ତିକୁ ନେଇ ଉଠିଲା ପ୍ରଶ୍ନ

ଧାମନଗର, ୦୪/୧୧ (ଆ.ପ୍ର) : କାଗଜ କଲମରେ ଚାଲୁଛି ହୋଟେଲ, ହେଲେ ବାସ୍ତବରେ ନାହିଁ ହୋଟେଲର ଚିହ୍ନବର୍ଣ୍ଣ ! ଏଭଳି ଏକ ଅଭିଯୋଗକୁ ନେଇ ଧୂଷୁରା ଅଂଚଳରେ ଏବେ ତର୍ଜା ଗୋଳ ଥିରିଛି । ଉତ୍ତର ଜିଲ୍ଲା ଧୂଷୁରା ବିଜ୍ଞାପିତ ଅଂଚଳର ନରସିଂହପୁର ମୌଜାରେ ପ୍ରସ୍ତାବିତ ନୂତନ ବିଦେଶୀ ମଦ ଦୋକାନ (ଅନ୍-ସପ୍?) ଥାଉ ସ୍ଥାପନକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି । ଏହାକୁ ନେଇ ଅବକାରୀ ବିଭାଗର ଜାମ୍ପିପ୍ରାଧୀ ଓ ବିଜ୍ଞପ୍ତିର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ନିମିତ୍ତପ୍ରା ସୂତ୍ରନା ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଧୂଷୁରା ଥାନା ଅନ୍ତର୍ଗତ ନରସିଂହପୁର ମୌଜାର ଖାତା ନମ୍ବର ୨୭୧/୩୩୩୭, ପ୍ଲଟ ନମ୍ବର ୧୮୯୪/୨୨୭୭, ଖୁର୍ଦ୍ଦା ନମ୍ବର ୮ରେ 'ଜିତାସନ ହୋଟେଲ ଆଣ୍ଡ ରେଷ୍ଟୁରାଂଟ' ନାମରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ଏ ସଂକ୍ରାନ୍ତରେ ଜଣକ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିବା ଜଣାପଡ଼ିଛି । ତେବେ ସତ୍ୟତାର ତଡ଼ ପ୍ରଶ୍ନ ହେଉଛି, ଯେଉଁ ସ୍ଥାନରେ 'ସିଂହାସନ ହୋଟେଲ ଆଣ୍ଡ ରେଷ୍ଟୁରାଂଟ' ନାମରେ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି, ସେଠାରେ ପୂର୍ବରୁ କେବେ ହୋଟେଲ ଜିୟା ରେଷ୍ଟୁରାଂଟ ଚାଲୁଥିବା ସ୍ଥାନୀୟ ଲୋକେ ଦେଖିନଥିବା ଅଭିଯୋଗ କରିଛନ୍ତି । ଯଦି ବାସ୍ତବରେ ସେଠାରେ ହୋଟେଲ ଚାଲୁନାହିଁ, ତେବେ କେଉଁ ଆଧାରରେ ଏଭଳି ନାମରେ ଠିପି ଖୋଲା ବିଦେଶୀ ମଦ ଦୋକାନ ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ବୋଲି ପ୍ରଶ୍ନ ଉଠୁଛି । ରେଷ୍ଟୁରାଂଟ ଆଇନ ଅନୁଯାୟୀ, ଅବକାରୀ ନିୟମ ଅନୁସାରେ ହୋଟେଲ ଓ ରେଷ୍ଟୁରାଂଟ ଅଧିନରେ ଠିପି ଖୋଲା ବିଦେଶୀ ମଦ ଦୋକାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ଏହି ପ୍ରସ୍ତାବ ଅନୁଯାୟୀ, ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଏହି ପ୍ରସ୍ତାବିତ ମଦ ଦୋକାନ ସମ୍ପର୍କରେ ଜଣାପଡ଼ିଛି ଯେ, ଏହି ପ୍ରସ୍ତାବିତ ମଦ ଦୋକାନ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଗ୍ରହଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ଅଂଚଳରେ ଶୌଚାଳୟ ବିଜ୍ଞପ୍ତି ପ୍ରଚାର କରାଯାଇନଥିବା କଥା ଅଭିଯୋଗ ହୋଇଛି । କେବଳ କାଗଜ କଲମରେ ବିଜ୍ଞପ୍ତି ପ୍ରକାଶ କରିଦେଇ ବିଭାଗ ନିଜର ଦାୟିତ୍ୱ ସାରିଦେଇଛି କି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଅବକାରୀ ବିଭାଗ ପ୍ରସ୍ତାବିତ ସ୍ଥାନର ବାସ୍ତବ ସ୍ଥିତି ହୋଟେଲର ଅସ୍ତିତ୍ୱ, ଲାଇସେନ୍ସ ପାଇଁ ଆବଶ୍ୟକ କାଗଜପତ୍ର ଓ ବିଜ୍ଞପ୍ତି ପ୍ରକାଶ ପ୍ରକ୍ରିୟାର ନିରପେକ୍ଷ ଯାଂଚ କରିବାକୁ ଦାବି ହେଉଛି । ତେବେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗକୁ ବିଭାଗ କେତେ ଗୁରୁତ୍ୱ ଦେଉଛି ଏବଂ ଏହି ପ୍ରସ୍ତାବିତ ମଦ ଦୋକାନ ସମ୍ପର୍କରେ କି ପଦକ୍ଷେପ ଗ୍ରହଣ କରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ । ଏବେ ସ୍ଥାନୀୟ ଅଂଚଳବାସୀଙ୍କ ସମେତ ଜିଲ୍ଲା ନିଶା ନ

ସମସ୍ତଙ୍କର
ଆରମ୍ଭ
SEITHO ARAMBHA
ଗୁରୁବାର ୫ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୭





କଳାହାଣ୍ଡିରେ କର୍ମଜୀବୀ ସାମ୍ବାଦିକ ସଂଘର ଜିଲ୍ଲା କମିଟି ଗଠିତ ହେମନ୍ତ କୁମାର ରାୟ ସଭାପତି, ଆଶୁତୋଷ ପୁରୋହିତ ସାଧାରଣ ସମ୍ପାଦକ ନିର୍ବାଚିତ

ଭବାନୀପାଟଣା, ୦୪/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ ଭାରତୀୟ ସାମ୍ବାଦିକ ସଂଘ ସହ ଅନୁବଦ୍ଧିତ କର୍ମଜୀବୀ ସାମ୍ବାଦିକ ସଂଘର ଜିଲ୍ଲା କମିଟି ଗଠନ ହୋଇଛି । ଏହି ଅବସରରେ ମଙ୍ଗଳବାର ଭବାନୀପାଟଣାସ୍ଥିତ ଅମଳା ଭବନରେ ଏକ ବୈଷୁଣିକ ଓ ସାଂଗଠନିକ ବୈଠକ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ ଏବଂ ରାଜ୍ୟ ନିର୍ବାଚନ କମିଶନର ଶରତ ଚନ୍ଦ୍ର ଦାଶ ଯୋଗଦେଇ ଜିଲ୍ଲାସ୍ତରରେ ସଂଘର ସାମ୍ବାଦିକ ସାଂଗଠନିକ ଦୃଢ଼ତା, ସାମ୍ବାଦିକଙ୍କ ଏକତା ଓ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ନୂତନ ଜିଲ୍ଲା କମିଟିର ସଭାପତି ଭାବେ ହେମନ୍ତ କୁମାର ରାୟ, ଉପସଭାପତି ଭାବେ ବିଜୟ ଭୂଷଣ ଦତ୍ତସେନା, ସାଧାରଣ ସମ୍ପାଦକ ଭାବେ ଆଶୁତୋଷ



ପୁରୋହିତ ଏବଂ ସମ୍ପାଦକ ଭାବେ ରୂପେଶ ତ୍ରିପାଠୀ, ମହାଦେବ ଖଣ୍ଡୁଆଲ ଓ ଦୁଲେନ୍ଦ୍ର କୁମାର ମେହେର ନିର୍ବାଚିତ ହୋଇଛନ୍ତି । ସେହିପରି ପ୍ରଭାକର ସେଠୀ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ସଂଘର ବହୁ ସଂଖ୍ୟକ କର୍ମକର୍ତ୍ତା ଓ ସାମ୍ବାଦିକ ଉପସ୍ଥିତ ରହି ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଓ ସାମ୍ବାଦିକଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳଙ୍କୁ ଜନ୍ମଦିନ ପାଳନ କରାଯାଇଥିଲା । ନିଜ ଅଭିଭାଷଣରେ ସେ ସାମ୍ବାଦିକମାନଙ୍କୁ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ସଂଘକୁ ସୁଦୃଢ଼ କରିବା ସହ ସାମ୍ବାଦିକଙ୍କ ନ୍ୟାୟ ଅଧିକାର, ସୁରକ୍ଷା ପାଇଁ ସଂଘଟିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ନବଗଠିତ ଜିଲ୍ଲା କମିଟି ସାମ୍ବାଦିକଙ୍କ ଏକତା ଓ ସାଂଗଠନିକ ବିକାଶ ସହ ଜିଲ୍ଲାରେ ସାମ୍ବାଦିକତାର ମର୍ଯ୍ୟାଦା ଓ ଗୌରବକୁ ମୂଲ୍ୟାୟେର ସୁରକ୍ଷା ଦିଗରେ କାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ ପାଇଛି ।

ଗିଡ଼ିପାବାଲି ଭୂସ୍ଖଳନରେ ମୃତଦେହ ଉଦ୍ଧାର କରିବାକୁ ପରିବାରର ଦାବି

ବି.ଉଦୟଗିରି, ୦୪/୧୧ (ଆ.ପ୍ର) : କନ୍ଧମାଳ-ଏବଂ ଗଞ୍ଜାମ ଜିଲ୍ଲା ସୀମାନ୍ତ ବାଉବାଲି ପଂଚାୟତ ଗିଡ଼ିପାବାଲି ଗ୍ରାମରେ ଘଟିଥିବା ଭୂସ୍ଖଳନ ଘଟଣାରେ ସମ୍ପୂର୍ଣ୍ଣ ଗାଁ ମାଟି ତଳେ ପୋତି ହୋଇଯାଇଥିବା ତେଇ ସେହି ମାଟି ତଳେ ୧୩ ଜଣ ନିଖୋଜ ଅଛନ୍ତି । ପ୍ରଶାସନ ତରଫରୁ ୪ ଦିନ ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା ୨ ଗ୍ରାମବାସୀଙ୍କ ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଏବେ ମଧ୍ୟ ୧୧ ଜଣଙ୍କ ସ୍ଥାନ ମିଳିପାରିନାହିଁ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ କଲ୍ଷ ନିଖୋଜଙ୍କ ଉଦ୍ଦେଶ୍ୟରେ କୃତ୍ରିମ ଶବ ସତ୍କାର କରିବାକୁ ପ୍ରଶାସନ ତରଫରୁ କରାଯାଇଥିବା ଯୋଜନା ଶେଷ ମୁହୂର୍ତ୍ତରେ ଫେରି ହୋଇଛି । ମୃତଦେହ ଉଦ୍ଧାର କରିବା ପରେ ଚିଂଣ୍ଡ ସତ୍କାର କରାଯିବ ବୋଲି ପରିବାର ଲୋକେ ଦାବି କରିବାରୁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ସୂଚନା ଅନୁଯାୟୀ, ଗତକାଲି ଗଞ୍ଜାମ ଜିଲ୍ଲାପାଳ ଉତ୍ତମାନନ୍ଦ ପୁଜାରୀ ଉପସ୍ଥିତ ରହି ଏକ ବୁଝ ମୋତାବକ ପ୍ରଭାବିତ ପରିବାର ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ । ଏଥିପରେ ବୁଧବାର ସକାଳୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଉତ୍ତମାନନ୍ଦ ପୁଜାରୀ ଓ ଅନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ବାହାରିଥିଲେ । ଗିଡ଼ିପାବାଲି ଗ୍ରାମବାସୀ ମଧ୍ୟ ସେଠାରେ ଅଛିଥିଲେ । ନିଖୋଜ ୧୧ ଜଣଙ୍କ ଉଦ୍ଦେଶ୍ୟରେ ଶବ ସତ୍କାର ସମ୍ବନ୍ଧୀୟ କୃତ୍ରିମ ଜୁଇ ପ୍ରସ୍ତୁତ କରାଯାଇଥିଲା । ତେବେ ବୁଧବାର



ସକାଳୁ ପ୍ରଶାସନ ଯୋଜନା କରିଥିବା କାର୍ଯ୍ୟକ୍ରମ ବନ୍ଦ ରହିଥିବା ଜଣାପଡିଛି । ଏଥିପରେ ଓଡ଼ାପଡ଼ି ଓ ଅନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ବାହାରିଥିଲେ । ଗିଡ଼ିପାବାଲି ଗ୍ରାମବାସୀ ମଧ୍ୟ ସେଠାରେ ଅଛିଥିଲେ । ନିଖୋଜ ୧୧ ଜଣଙ୍କ ଉଦ୍ଦେଶ୍ୟରେ ଶବ ସତ୍କାର ସମ୍ବନ୍ଧୀୟ କୃତ୍ରିମ ଜୁଇ ପ୍ରସ୍ତୁତ କରାଯାଇଥିଲା । ତେବେ ବୁଧବାର ସକାଳୁ ପ୍ରଶାସନ ଯୋଜନା କରିଥିବା କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ସୂଚନା ଅନୁଯାୟୀ, ଗତକାଲି ଗଞ୍ଜାମ ଜିଲ୍ଲାପାଳ ଉତ୍ତମାନନ୍ଦ ପୁଜାରୀ ଉପସ୍ଥିତ ରହି ଏକ ବୁଝ ମୋତାବକ ପ୍ରଭାବିତ ପରିବାର ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ । ଏଥିପରେ ଦୁଇଥର ଦୁଇ ଯୁବକଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିବା ସମ୍ବନ୍ଧରେ ଏକ ବୁଝ ମୋତାବକ



ଶୈଥ୍ୟ ଆରମ୍ଭ
SEITHO ARAMBHA



ଗୁରୁବାର ୫ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଦିନିକିଆରେ ଭାରତର ବିଜୟ ଅଭିଯାନ



ଅକ୍‌ଲାଣ୍ଡ, ୪/୧୧ (ନ୍ୟୁ.ଏ) : ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତ ମହିଳା କ୍ରିକେଟ ଦଳ ଦ୍ୱିତୀୟ ଦିନିକିଆରେ ବି ଆଧୁପା ହୋଇଯାଇଛି । ବୁଧବାର ଖ୍ରୀମୟ ଗ୍ରାଉଣ୍ଡ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୫ ୱିକେଟ୍ (ଡିଏଲ୍‌ଏସ୍)ରେ ଜିତି ନେଇଛି । ୧୮.୬ ଓଭର୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବ୍ରମଣକାଳୀ ବଳ ୧ ଓଭରରେ ରୋହିତ ଶର୍ମା (୦)କୁ ପ୍ରଥମ ଓଭରରେ ହରାଇଥିଲା । ଏହାପରେ ଅଧିନାୟକ ଶୁଭମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ। ଦଳୀୟ ସ୍କୋର ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା । ମ୍ୟାଚ୍ ୧ ଘଂଟା ଉଦ୍ଦ ହେବା ପରେ ଭାରତ ସମ୍ଭୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା । ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଂଟା ସ୍ଥଗିତ ରହିଥିଲା । ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା । କୋହଳିଙ୍କ ସହ ଦଳକୁ ବିଜୟ ଦିଗରେ ନେଇଥିବା ଦେବଳେ ନାଥନ ସ୍ମିଥ୍‌ଙ୍କ ଦଳରେ ୱିକେଟ୍‌ଝିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପାଭିଲିୟନ୍ ଫେରିଥିଲେ । ଜିତ୍ରୁ ଉଭୟ ୧୧୩ ରନ୍‌ର ଭାଗିଦାର ଗଢ଼ି ଭାରତର ବିଜୟ ଆଶା ଜାଜ୍ୱଲ୍ୟମାନ କରିଥିଲେ । ଗିଲ୍‌ଙ୍କ ପରେ ଜାଳକ ଡଟି ୩ ୱିକେଟ୍ ନେଇ ଭାରତର ବିଜୟ ବିଜୟ କରିଥିଲେ । ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅଅର ପଟ୍ନେର (୦) ଓ ଶ୍ରେୟସ ଆୟର (୧୫)କୁ ପାଭିଲିୟନ୍ ପଠାଇଥିଲେ । ଶେଷରେ କେଏଲ୍ ରାହୁଲ (୩୮) ଓ ନମନ ଧୀର (୫*)ଙ୍କ ଅପରାଜିତ ଭାଡି ୫୬ ବଲ୍ ପୂର୍ବରୁ ବିଜୟ ମୁଖି ମାରିଥିଲେ । ଅଂଶୁଲ କମ୍ବୋଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ଅନ୍ୟପକ୍ଷରେ କୋହଳି (୮୨୪୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପୟାରାଧାନ ଦିନିକିଆ ରନ୍‌ରେ କିଂବଦନ୍ତି ସଚିନ ତେନ୍ଦୁଲକର (୮୨୭୦)କୁ ଟପିଛନ୍ତି । ପୂର୍ବରୁ ଅର୍ଦ୍ଧଶତ ଫିଂଚ, ଗ୍ଲେନ୍‌ରୁର ଟ୍ରାଉ ଓ ଇମୋଜେନ ଘାଡଳ ଚୋକିଂକୁ ଯାମ୍ପା କରି ନ ପାରି ମ୍ୟାଚ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ହେଲେ ୧୧ ନମ୍ବର ବ୍ୟାଟର ଗ୍ରେସ୍ ଟିକ୍‌ନରଙ୍କ ୨୩ ବଲ୍‌ରୁ ୧ ଚୌକା ଓ ୪ ଛକା ସହଯୋଗରେ ୩୪ ରନ୍‌ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନ ଜନକ ସ୍କୋର କରିପାରିଥିଲା । ଅର୍ଣ୍ଣବାଫକ ଶେଷ ଓଭରରେ ଟିକ୍‌ନର ୩ଟି ଛକା ମାରି ଦଳୀୟ ସ୍କୋର ୧୮୦ ପାର କରିଥିଲେ । ଅର୍ଣ୍ଣବାସ୍ତ ୪, ଗୁରୁନୂର ୩୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ । ପାୟାରପ୍ଲେରେ ଅର୍ଣ୍ଣବାସ୍ତ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ । ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା । ତିମ୍ ସେଫର୍ଟ (୩୮) ଓ ଜାରିଲ ମିଚେଲ (୨୮) ତୃତୀୟ ୱିକେଟ୍‌ରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ । ଏହାପରେ ବର୍ଷା ବିଘ୍ନିତ୍ତରେ ଟିକ୍‌ନର ଓ ଡଫି (୧୫*ଚ)ଙ୍କ ୪୫ ରନ୍ ଦ୍ରିତୀୟ ସର୍ବୋଚ୍ଚ ଭାଗୀଦାର ହୋଇଥିଲା । ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ତିମ୍ ସେଫର୍ଟ ୩୮, ଗ୍ଲେନ୍‌ରୁର ଟିକ୍‌ନର ୩୪*, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଣ୍ଣବାସ୍ତ ଫିଂଚ ୪/୭୦, ଗୁରୁନୂର ଟ୍ରାର ୩।୪୪, ଅଂଶୁଲ କମ୍ବୋଜ ୨/୨୨) । ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪, ଶୁଭମନ ଗିଲ୍ ୩୭, ଜାକ୍ସ ଡଫି ୩।୪୯, ନାଥନ ସ୍ମିଥ୍ ୧/୨୧, ଜାରିଲ ଜାମିସନ ୧/୩୪) ।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି: ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ



ରୋପାଜ, ୪/୧୧ (ନ୍ୟୁ.ଏ) : ଚଳିତ ମାସ ୧୯ରୁ ରୋପାଜସ୍ଥିତ ନାଥୁ ବର୍ଗୋବା ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ନବନିର୍ମିତ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି । ଏହି ୬ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଲଗାତାର ତୃତୀୟ ଟ୍ରଫି ଜିତିବା ଆଶାରେ ଥିବା ଘରୋଇ ଦଳ ଭାରତ ଉଦ୍‌ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଏହାପରେ ୨୧ରେ ଦକ୍ଷିଣ କୋରିଆ, ୨୨ରେ ଆଇଲାଣ୍ଡ, ୨୪ରେ ଚୀନ, ୨୫ରେ ଜାପାନ ବିପକ୍ଷରେ ଖେଳିବ । ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଜାପାନ, ଚୀନ, ମାଲେସିଆ, ଆଇଲାଣ୍ଡ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ । ପ୍ରତି ଦଳ ନିଜ ନିଜ ମଧ୍ୟରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ । ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ୍‌ରେ ଖେଳିବେ । ଟେବୁଲର ଶେଷରେ ଥିବା ତଳ ଦଳ ସଂକଟ ଓ ଷଷ୍ଠ ସ୍ଥାନ ପାଇଁ ଲଢ଼େଇ କରିବେ । ଏହି ମ୍ୟାଚ୍‌ଗୁଡ଼ିକ ୨ ୭ରେ ଏବଂ ଫାଇନାଲ୍ ଓ କାଂସ୍ୟ ମୁକାବିଲା ୨୮ରେ ଅନୁଷ୍ଠିତ ହେବ । ଗତ ମାସରେ ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପରେ ଭାରତୀୟ ମହିଳା ଦଳର ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା । ଭାରତ ୨୦୧୬, ୨୦୨୩, ୨୦୨୪ରେ ଏସୀୟ ଚାମ୍ପିଅନ୍ ଟ୍ରଫିରେ ବିଜେତା ହୋଇଥିଲା ।

ଆମେରିକାରେ ଡେମୋକ୍ରାଟ୍‌ଙ୍କ ବାଜିମାତ୍: ମଧ୍ୟବର୍ତୀ ନିର୍ବାଚନରେ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା



ୱାସିଂଟନ୍, ୪/୧୧ (ନ୍ୟୁ.ଏ) : ଆମେରିକାର ମଧ୍ୟବର୍ତୀ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିକୁ ବଡ଼ ଝଟ୍‌କା ଲାଗିଛି । ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ଉଭୟ ପ୍ରତିନିଧି ସଭା (ହାଉସ୍ ଅଫ୍ ରିପ୍ରେଜେଣ୍ଟଟିଭ୍) ଓ ସିନେଟ୍‌ରେ ବହୁମତ ହାସଲ କରିଛି । ଏହାଦ୍ୱାରା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଶେଷ ଦୁଇବର୍ଷ ପାଇଁ ଆମେରିକା ଶାସନ ବ୍ୟବସ୍ଥାରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି । ସିନେଟ୍‌ରେ ଡେମୋକ୍ରାଟ୍‌ଙ୍କ ଆସନ ସଂଖ୍ୟା ୫୪ରେ ପହଂଚିଛି । ଏହି ଦଳ ଦେଖାସ୍, କାନ୍‌ସାସ୍, ଆଇଓ, ଓଭିଓ, ନର୍ଥ କାରୋଲିନା ଓ ସାଉଥ୍ କରୋଲିନା ଭଳି ରିପବ୍ଲିକାନ୍‌ଙ୍କ ପ୍ରଭାବଶାଳୀ ରାଜ୍ୟରେ ବିଜୟୀ ହୋଇଛି । ଦୀର୍ଘ ୯୪ ବର୍ଷ ପରେ କାନ୍‌ସାସ୍‌ରେ ଡେମୋକ୍ରାଟିକ୍ ପାର୍ଟିର ପ୍ରଥାଁ ଆଡାମ୍ ହମିଲଟନ୍ ରିପବ୍ଲିକାନ୍ ସାଂସଦ ରୋବର୍ଟ ମାର୍ଶାଲ୍‌ଙ୍କୁ ପରାସ୍ତ କରି ସିନେଟ୍ ଆସନ ହାତେଇଛନ୍ତି । ନର୍ଥ କରୋଲିନାରେ ରୟ କୁପର ଟ୍ରମ୍ପଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇଥିବା ବେଳେ ଜର୍ଜିଆରେ ଜନ୍ ଓସଫ୍ ପୁନର୍ବାର ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ମୋଟ୍ ରାଜ୍ୟରେ ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ପ୍ରତିନିଧି ସଭାରେ ମଧ୍ୟ ଡେମୋକ୍ରାଟ୍‌ମାନେ ବହୁ ଆସନରେ ବିଜୟୀ ହୋଇ ବହୁମତ ହାସଲ କରିଛନ୍ତି । ଏହାଦ୍ୱାରା ୨୦୨୩ ପରେ ପ୍ରଥମଥର ପାଇଁ ତଳ ପୁନର୍ବାର ଆମେରିକା କଂଗ୍ରେସର ଉଭୟ ସଦନ ଉପରେ ନିୟନ୍ତ୍ରଣ ହାସଲ କରିଛି । ନିର୍ବାଚନରେ ମୁଦ୍ରାସ୍ଫୀତି, ଜୀବନଯାପନର ବର୍ଦ୍ଧିତ ଖର୍ଚ୍ଚ, ଟ୍ରମ୍ପ ସରକାରଙ୍କ ନୀତି ଓ ଇରାନ୍ ସହ ଯୁଦ୍ଧକୁ ନେଇ ଜନଅସନ୍ତୋଷ ପ୍ରମୁଖ ପ୍ରସଙ୍ଗ ହୋଇଥିଲା । ଏହା ବ୍ୟତୀତ ଆଇନଜୀ ଶୁଳ୍କ ନୀତି ଓ ସରକାରୀ ଦୁର୍ନୀତି ଅଭିଯୋଗ ମଧ୍ୟ ଭୋଟରଙ୍କ ମତକୁ ପ୍ରଭାବିତ କରିଥିବା ନିର୍ବାଚନ ପରବର୍ତ୍ତୀ ଆକଳନରୁ ଜଣାପଡ଼ିଛି । ଡେମୋକ୍ରାଟ୍‌ଙ୍କ ବିଜୟ ପରେ ଦଳର ନେତା ହକିମ୍ ଜେଫ୍ରିସ୍ କହିଛନ୍ତି, ଆମେରିକାରେ ଏକ ନୂଆ ରାଜନୈତିକ ପରିବର୍ତ୍ତନ ଆରମ୍ଭ ହୋଇଛି । ଆସନ୍ତା ଜାନୁଆରିରେ ନୂଆ କଂଗ୍ରେସ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜେଫ୍ରିସ୍ ପ୍ରତିନିଧି ସଭାର ଡାଟଙ୍କି ସ୍ପୀକର ସାଜିବାର ସମ୍ଭାବନା ରହିଛି । ସେହିପରି ଡେମୋକ୍ରାଟ୍‌ମାନେ ଟ୍ରମ୍ପ ପ୍ରଶାସନର କାର୍ଯ୍ୟକଳାପ, ଭରାଳ୍ ଯୁଦ୍ଧ ଓ ଦୁର୍ନୀତି ଅଭିଯୋଗ ଉପରେ କଂଗ୍ରେସରେ ତଦନ୍ତ ଆରମ୍ଭ କରିବାକୁ ସଙ୍କେତ ଦେଇଛନ୍ତି । ଅନ୍ୟପକ୍ଷରେ ଟ୍ରମ୍ପ ନିର୍ବାଚନ ପଜାପଜକୁ ନିଜର ପରାଜୟ ଭାବେ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି । ଡେମୋକ୍ରାଟ୍‌ଙ୍କ ଦ୍ୱାରା ଆଣତ ବିଲ୍‌କୁ ରାଷ୍ଟ୍ରପତି ଭାବେ ରିଗେ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି । ତେଣୁ ଉଭୟ ଦଳ ମଧ୍ୟରେ ଆଗାମୀ ଦୁଇବର୍ଷ ଧରି ରାଜନୈତିକ ମୁହାଁମୁହିଁ ସ୍ଥିତି ଜାରି ରହିବାର ଆଶଙ୍କା ରହିଛି ।

ରାଜକୁମାରୀ, ଉଷୁରେ ଭାରତକୁ ପ୍ରଥମ କାଂସ୍ୟ ପଦକ




ନୂଆଦିଲ୍ଲୀ, ୪/୧୧ (ନ୍ୟୁ.ଏ) : ସେମୋଗାଇ ଜାଇରୋର ଚାଲିଥିବା ୨୦୨୬ ଯୁବ ଅଲିମ୍ପିକ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ଉଷୁ ଖେଳାଳି ରାଜକୁମାରୀ ଲାଟଚନ୍‌ଚନ୍ ଚାନୁ । ମଣିପୁରର ଏହି ପ୍ରତିଭାବାନ ଖେଳାଳି ମହିଳା ଚାଙ୍ଗକ୍ୟାନ୍ କାୟାକ୍ ଇଭେଂଟରେ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି । ଏଥିସହ ସେ ଯୁବ ଅଲିମ୍ପିକର ଉଷୁ ପ୍ରତିଯୋଗିତାରେ ପଦକ ଜିତିବାରେ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି । ମଙ୍ଗଳବାର ଅନୁଷ୍ଠିତ ଫାଇନାଲ୍ ପ୍ରତିଯୋଗିତାରେ ରାଜକୁମାରୀ ମୋଟ ୧୮.୦୩୯ ପଏଂଟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚାଙ୍ଗକ୍ୟାନ୍ ବିଭାଗରେ ସେ ୯.୩୧୬ ପଏଂଟ ଏବଂ ଟ୍ରୁଥ୍ସ ବିଭାଗରେ ୮.୭୨୩ ପଏଂଟ ହାସଲ କରିଥିଲେ । ଉଭୟ ବିଭାଗର ମିଳିତ ପଏଂଟ ଆଧାରରେ ସେ କାଂସ୍ୟ ପଦକ ନିର୍ଣ୍ଣୟ କରିଥିଲେ । ଏହି ପ୍ରତିଯୋଗିତାରେ ଚଳିତ୍ତିପ୍ତ ସୋଖେତ ସୋନ୍‌ଚୋବୋ ୧୮.୬୬୦ ପଏଂଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଭେନେଜୁଏଲାର ଭାଲେରିଆ ଫାନେରିଜ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ । ରାଜକୁମାରୀଙ୍କ ଏତିହାସିକ ସଫଳତା ଭାରତୀୟ ଉଷୁ କ୍ରୀଡ଼ାକୁ ନୂଆ ପରିଚୟ ଦେବା ସହ ଦେଶର ଯୁବ ଖେଳାଳିଙ୍କ ପାଇଁ ପ୍ରେରଣା ସାଜିଛି ।

ଜନ୍ମହାର ହ୍ରାସ ଯୋଗୁ ପ୍ରାସଙ୍ଗିକତା ହରାଇଛି ଆଇନ: ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ, ୪/୧୧ (ନ୍ୟୁ.ଏ) : ଦୁଇରୁ ଅଧିକ ସନ୍ତାନ ଥିବେ ସ୍ଥାନୀୟ ସ୍ୱୟତ୍ତ ଶାସନ ସଂସ୍ଥାର ନିର୍ବାଚନ ଲଢ଼ିବା ଉପରେ ଲଗାଯାଇଥିବା ଆଇନଗତ୍ତିଦ୍ଧି ଏବେ ପ୍ରାସଙ୍ଗିକତା ହରାଇଛି । ଭାରତରେ ଜନ୍ମହାର ହ୍ରାସ ପାଇବା ସହ ଜନସଂଖ୍ୟାର ଗଠନରେ ପରିବର୍ତ୍ତନ ଆସିଥିବାରୁ ଏଭଳି ଆଇନର ମୂଳ ଉଦ୍ଦେଶ୍ୟ ଆଉ ଯଥାର୍ଥ ହୋଇ ରହିନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଏଥିସହ ଏହି କଟକଣାକୁ ବୈଧ ବୋଲି ବର୍ଖାସ୍ତ ହୋଇଥିବା ୨୦୦୨ର ଏକ ରାୟର ପୁନର୍ବିଚାର ପାଇଁ ଦାଏର ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି । ବିଚାରପତି ପି.ଏସ୍. ନରସିଂହ ଓ ଅତୁଲ ଚନ୍ଦ୍ରନ ଥିବା ଏକ ଖଣ୍ଡପୀଠ ମହାରାଷ୍ଟ୍ରର ଜାକୋବା ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ମଙ୍ଗଲା ରାମଗାଓ ଇଙ୍ଗଲେଙ୍କ ଆବେଦନର ଶୁଣାଣି କରି ଏହି ମତ ଦେଇଛନ୍ତି । ତୃତୀୟ ସନ୍ତାନ ଜନ୍ମ ହେବା ପରେ ମହାରାଷ୍ଟ୍ର ଗ୍ରାମ ପଂଚାୟତ ଆଇନ, ୧୯୫୯ର ଧାରା ୧୪(୧)(ଜେ-୧) ଅନୁଯାୟୀ ତାଙ୍କୁ ସରପଂଚ ପଦରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ଏହି ଆଇନରେ ଦୁଇରୁ ଅଧିକ ସନ୍ତାନ ଥିବା ଦାଖ୍ରି ପଂଚାୟତ ସଦସ୍ୟ ନିଯୁ ସରପଂଚ ହେବା ଉପରେ କଟକଣା ରହିଛି । ୨୦୦୦ ସେପ୍ଟେମ୍ବର ୧୩ରୁ ଏହି ବ୍ୟବସ୍ଥା ଲାଗୁ ହୋଇଥିଲା । ଅତ୍ୟାଜ କହିଛନ୍ତି, ୨୦୦୩ରେ 'ଜାଇରୁ ବନାମ ହରିୟାଣା ରାଜ୍ୟ' ମାମଲାରେ ସୁପ୍ରିମ୍‌କୋର୍ଟ ଦୁଇ ସନ୍ତାନ ନୀତିକୁ ବୈଧ ଘୋଷଣା କରିଥିବା ସମୟରେ ଭାରତର ମୋଟ ପ୍ରଜନନ ହାର ୩ ଥିଲା । ଏବେ ତାହା ହ୍ରାସ ପାଇ ୧.୯ରେ ପହଂଚିଛି । ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ୨.୧ ହାରଠାରୁ ଏହା କମ୍ । ଏହାର ପରିଣାମରେ ଉଚ୍ଚଶିକ୍ଷାରତ ବୟସ୍କ ଜନସଂଖ୍ୟା ବଢ଼ିବା ସହ କାର୍ଯ୍ୟକ୍ଷମ ବୟସର ଲୋକଙ୍କ ଅନୁପାତ ହ୍ରାସ ପାଇବାର ଆଶଙ୍କା ରହିଛି । ବିଚାରପତି ନରସିଂହ କହିଥିଲେ, ଅତ୍ୟଧିକ ଜନସଂଖ୍ୟାର ରୟ ଉପରେ ଆଧାରିତ ଏହି ଆଇନଗୁଡ଼ିକର ଜିତି ଜନସାଂଖ୍ୟିକ ପରିବର୍ତ୍ତନ ଯୋଗୁଁ ଦୁର୍ବଳ ହୋଇପଡ଼ିଛି । ଏଭଳି କଟକଣା ଯୋଗୁଁ ଏକ ବର୍ଗର ନାଗରିକ ନିର୍ବାଚନ ଲଢ଼ିବା ଓ ରାଜନୈତିକ ପ୍ରତିନିଧିତ୍ୱ ପାଇବାରୁ ବଂଚିତ ହେଉଛନ୍ତି । ଏହା ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ପ୍ରଜନନ ସ୍ୱାଧୀନତା ଅଧିକାରକୁ ମଧ୍ୟ ପ୍ରଭାବିତ କରୁଛି । ଉଲ୍ଲେଖଯୋଗ୍ୟ, ୨୦୦୩ର 'ଜାଇରୁ' ମାମଲାରେ ହରିୟାଣା ପଂଚାୟତିରାଜ ଆଇନର ଦୁଇ ସନ୍ତାନ କଟକଣାକୁ ସୁପ୍ରିମ୍‌କୋର୍ଟ ବୈଧ ବର୍ଖାଇଥିଲେ । ଏବେ ଏହାର ପୁନର୍ବିଚାର ହେବ । ଆବ୍ଜରୋକେଟ୍ ରୁକ୍ମିଣୀ ବୋବ୍‌ଡେ ଓ ଆବେଦନକାରୀଙ୍କ ତରଫ ପ୍ରତୀକ ଚୋୟାଡେକଠାରୁ ବିରିନ୍ଚି ରାଜ୍ୟର ଏଭଳି ଆଇନ ଖାଁକରେ ତଥ୍ୟ ଦିଆଯାଇଥିଲା । ସାତଟି ରାଜ୍ୟ ଏହି କଟକଣା ଉଠାଇଥିବା ବେଳେ ୧୫ଟି ରାଜ୍ୟରେ ଏଭଳି ନିୟମ ନାହିଁ । ତେବେ ଆସାମ, ଓଆ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ ଉତରାଖଣ୍ଡ ସମେତ କେତେକ ରାଜ୍ୟରେ ଏହି ବ୍ୟବସ୍ଥା ଏବେ ବି ରହିଛି ।

ଭାରତ ସମେତ ୪ ଦେଶର ଜାହାଜକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେଲା ଇରାନ



ତେହେରାନ, ୪/୧୧ (ନ୍ୟୁ.ଏ) : ଇରାନ ପକ୍ଷରୁ ଭାରତ, ଚୀନ୍, ଇରାକ ଏବଂ ତୁରସ୍କର ଅସୁବିଧା ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀରେ ପରିବହନ ପ୍ରତିବନ୍ଧକରୁ ମୁକ୍ତ କରିଛି । ଇରାନ ସଂସଦର ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଆମିର ହାୟାତ ମୋଜହମ ଇରାନୀ କହିଛନ୍ତି ଯେ, ଏହି ଚାରି ଦେଶର ଜାହାଜଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ପରିବହନ ପାଇଁ ଅନୁମତି ଦିଆଯାଇଛି । ଆମେ ତର୍ଜମାନ ଭାରତ, ଚୀନ୍, ଇରାକ ଏବଂ କତାରକୁ ହର୍ମୁଜ୍ ପ୍ରଣାଳୀରେ ଗତିବିଧି ଉପରେ ଲଗାଯାଇଥିବା ପ୍ରତିବନ୍ଧକରୁ ମୁକ୍ତ କରିଛୁ । ଏହି ଦେଶଗୁଡ଼ିକରୁ ଜାହାଜଗୁଡ଼ିକ କୌଣସି ବାଧା ବିନା ଯାତ୍ରାପାରିବେ, ଏବଂ ଆମେରିକାୟମାନେ ମଧ୍ୟ ସେମାନଙ୍କୁ ଅଟକାଇ ନଥାନ୍ତି । ଏହି ପଦକ୍ଷେପ ଇରାନ ଏବଂ ସମ୍ପୃକ୍ତ ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ସ୍ୱାର୍ଥକୁ ପ୍ରତିଫଳିତ କରୁଛି । ତେହେରାନ ଭାରତୀୟ ଜାହାଜଗୁଡ଼ିକର ଗମନାଗମନକୁ ସହଜ କରୁଛି ଯାହା ଦ୍ୱାରା ଇରାନ ଭାରତରୁ ଔଷଧ ଆମଦାନୀ କରିପାରିବ । ଚୀନ୍ ଜାହାଜଗୁଡ଼ିକୁ ଏଥିରୁ ମୁକ୍ତ କରାଯାଇଛି କାରଣ, ଏହା ବେଜିଂରୁ ରାଜନୈତିକ ସମର୍ଥନ ହାସଲ କରିବା ପାଇଁ ଉଦ୍ଦିଷ୍ଟ । ଇରାନ ଭାରତୀୟ ଏବଂ ଚୀନ୍ ଜାହାଜଠାରୁ ପରିବହନ ଶୁଳ୍କ ଆଦାୟ କରେ, କିନ୍ତୁ ଏହାର ଜାହାଜଗୁଡ଼ିକୁ କୌଣସି ଶୁଳ୍କ ବିନା ଯିବାକୁ ଅନୁମତି ଦେଇଥାଏ । ଇରାକୀ ଜାହାଜଗୁଡ଼ିକୁ ପରିବହନ ଶୁଳ୍କ ଦେବାକୁ ପଡିବ କି ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି ।

ପୋକ୍‌ସୋ କୋର୍ଟ ଦାୟିତ୍ୱରେ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ବିଚାରପତି

ନୂଆଦିଲ୍ଲୀ, ୪/୧୧ (ନ୍ୟୁ.ଏ) : ଯିଏ ନିଜେ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ, ସେହି ବିଚାରପତିଙ୍କ ହାତରେ ନାବାଳିକାଙ୍କ ପ୍ରତି ଯୌନ ଅପରାଧ ମାମଲାର ବିଚାର କରୁଥିବା ପୋକ୍‌ସୋ କୋର୍ଟର ଦାୟିତ୍ୱ ! ଉତରପ୍ରଦେଶର ଜଣେ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କୁ ନେଇ ଏଭଳି ଏକ ଗମ୍ଭୀର ପ୍ରଶ୍ନ ଏବେ ନ୍ୟାୟ ବ୍ୟବସ୍ଥାରେ ତର୍ଜା ସୃଷ୍ଟି କରିଛି । ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି ସୁପ୍ରିମ୍‌କୋର୍ଟ । ଅଭିଯୋଗକାରିଣୀ ମହିଳାଙ୍କ ଆବେଦନ ଉପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଳ୍ୟ ବାଗଚୀ ଓ ବି. ମୋଦନାଙ୍କ ଖଣ୍ଡପୀଠ ଆସୁଥିବା ଜାନୁଆରୀ ୨୦୧୯ରେ ଜାରି ଜବାବ ମାଗିଛନ୍ତି । ଅଭିଯୁକ୍ତ ବିଚାରପତିଙ୍କୁ ନିଲମ୍ବନ